# ନଳିତା, ଧାନ ଓ ବିରି ଚାଷରେ ବ୍ୟାପକ କ୍ଷତି



ବଡ଼ଚଣା, ୨୨।୧୧(ସମିସ): ଚଳିତ ବର୍ଷ ଆବଶ୍ୟକ ପରିମାଣର ବର୍ଷା ନ ହେବାରୁ ଚାଷ କ୍ଷେତ୍ରରେ କୃଷକଙ୍କ ବ୍ୟାପକ କ୍ଷତି ଘଟିଛି। ବିଶେଷକରି ନଳିତା, ଧାନ ଓ ବିରି ଚାଷ ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

ବଡ଼ଚଣା ବ୍ଲକ ଅନ୍ତର୍ଗତ କୁନ୍ଦଳ ପଞ୍ଚାୟତର ବହୁ ଚାଷୀ ନିଜ ନିଜ ଚାଷ ଜମିରେ ଚଳିତ ବର୍ଷ ନଳିତା ଚାଷ କରିଥିଲେ। ତେବେ ନଳିତା ଗଛ କାଟି ସେମାନେ ଘର ନିକଟ ଗଡ଼ିଆ, ପୋଖରୀ, ଖାଲ ସ୍ଥାନ ଦେଖି ସେଠାରେ ସେହି ନଳିତା ଗଛକୁ ସଢାଇବା ପାଇଁ ପକାଇଥିଲେ। ହେଲେ ବର୍ଷା ଅଭାବରୁ ସେସବୁ ଗଡ଼ିଆ ପୋଖରୀ ଓ ଖାଲ ଜାଗାରେ ଥିବା ପାଣି ଶୁଖିଯିବାରୁ ନଳିତା ବିଡା ସବୁ ପଚି ପାରି ନ ଥିଲା। ପଳରେ ଝୋଟ ଅମଳରେ ଗୁରୁତର ବାଧା ଉପୁଜିବା ସହିତ ଏହି ନଳିତା ଚାଷ କରି ଚାଷୀ ଦୁଇ ପଇସା ପାଇବା ଆଶା ସେମାନଙ୍କର ମଉଳିଗଲା ବୋଲି ଚାଷୀ ଅର୍ଜୁନ ଚରଣ ସାମଲ, ଶରତ ସାମଲ, ରାଜେଶ ପରିଡ଼ା, ଜ୍ଞାନ ବାରିକ, ଗୋକୁଳାନନ୍ଦ ସାମଲ, ଭାଗବତ ଦାସ ଓ ବାସୁଦେବ ସାମଲ ପ୍ରମୁଖ ଅତି ଦୁଃଖର ସହିତ କହିଛନ୍ତି। ଏହି ପଞ୍ଚାୟତ ଅନ୍ତର୍ଗତ ସଇକା, କୁନ୍ଦଳ, ହରିପୁର ଓ ସାନବ୍ରାହ୍ମଣ ଆଦି ଗ୍ରାମର ଚାଷୀମାନେ ଚଳିତ ବର୍ଷ ପାଖାପାଖି ୩୦ ଏକର ଜମିରେ ନଳିତା ଚାଷ କରି ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି।

**ବର୍ଷା ଅଭାବ**

ସେହିପରି ବର୍ଷା ଅଭାବରୁ ଏହି ପଞ୍ଚାୟତର ଚାଷୀ ଶାରଦ ଧାନ ଓ ବିରି ଚାଷରେ ମଧ୍ୟ କ୍ଷତି ସହିଛନ୍ତି। ବର୍ଷା ଅଭାବରୁ ଧାନ ଗଛ ପାଣି ଅଭାବରୁ ମରି ଯାଇଥିବାବେଳେ ବିରି ଗଛରେ ଗଜା ହୋଇ ପାରିଲା ନାହିଁ ବୋଲି ଚାଷୀ କହିଛନ୍ତି। ତେବେ କେବଳ କୁନ୍ଦଳ ପଞ୍ଚାୟତ ନୁହେଁ, ଅରଖପୁର, ଶାନ୍ତିପୁର, ରାଧାଦେଇପୁର ଓ ଅଣକା ଆଦି ପଞ୍ଚାୟତରେ ମଧ୍ୟ ଏହି ତିନିଟି ଚାଷରେ ଚଳିତବର୍ଷ ଏଭଳି ସମସ୍ୟା ଦେଖାଦେଇଛି। ତେଣୁ ଚାଷ କ୍ଷେତ୍ରରେ ଚଳିତ ବର୍ଷ ଏଭଳି ସମସ୍ୟା ଭୋଗୁଥିବା ଚାଷୀଙ୍କ ପାଇଁ ପ୍ରଶାସନ କୃଷି ଋଣ ଛାଡ କରିବା ସହିତ ଆଗାମୀ ବର୍ଷରେ ଏଭଳି ସ୍ଥିତି ଉପୁଜିଲେ ଏଥିପ୍ରତି ବିହିତ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି।

## ଜବରଦଖଲରେ ପ୍ରସ୍ତାବିତ ମିନି ଷ୍ଟାଡିୟମ ଓ ସୌରିକ ଦୁର୍ଗାପୂଜା ପଡ଼ିଆ

# ପାଲଟିଛି ଟ୍ରକ୍ ପାର୍କିଂ ୟାର୍ଡ ଉଚ୍ଛେଦ ଦାବି



କାଳିଆପାଣି, ୨୨।୧୧(ସମିସ):

ରାଁସୋଳ ପଞ୍ଚାୟତ ଅନ୍ତର୍ଗତ କଲରଙ୍ଗୀଠାରେ ପ୍ରସ୍ତାବିତ ମିନି ଷ୍ଟାଡ଼ିୟମ ଏବେ ପାଲଟିଛି ଟ୍ରକ୍ ପାର୍କିଂ ୟାର୍ଡ। ଖଣି ଅଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଏହି ଷ୍ଟାଡ଼ିୟମର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଆଦିବାସୀ ବହୁଳ ଖଣି ଅଞ୍ଚଳର ପିଲାଙ୍କ ନିକଟରେ ଥିବା ପ୍ରତିଭାକୁ ବିକଶିତ କରି ରାଜ୍ୟ ତଥା ଜାତୀୟ ସ୍ତରର ଖେଳାଳି ରୂପେ ଗଢ଼ି ତୋଳିବାକୁ ଯୋଜନା କରାଯାଇଥିଲା। କିନ୍ତୁ କୌଣସି କାରଣ ବଶତଃ ଏହି ପ୍ରସ୍ତାବିତ ମିନି ଷ୍ଟାଡ଼ିୟମ ନିର୍ମାଣରେ ବିଳମ୍ବ ହେବା ଫଳରେ ବର୍ତ୍ତମାନ ଉକ୍ତ ପଡ଼ିଆରେ ଟ୍ରକ୍ ପାର୍କିଂ ସ୍ଥଳ ପାଲଟିଛି। ଏହାକୁ ଉଚ୍ଛେଦ କରାଯାଇ ମିନି ଷ୍ଟାଡ଼ିୟମ ନିର୍ମାଣ କରାଯିବାକୁ ଦାବି ହେଉଛି।

ସେହିପରି ମାଙ୍କିଡ଼ିଆ ପଡ଼ିଆ ନିକଟରେ ଥିବା ସୌରିକ ଦୁର୍ଗାପୂଜା ପଡ଼ିଆରେ ଶହ ଶହ ଟ୍ରକ୍ ପାର୍କିଂ କରୁଥିବା ଦେଖିବାକୁ ମିଳୁଛି। କାଳିଆପାଣି ଖଣି ଅଞ୍ଚଳରେ ଥିବା ସମସ୍ତ କମ୍ପାନୀର ନିଜସ୍ୱ ପାର୍କିଂ ୟାର୍ଡ ଥିଲେ ସୁଦ୍ଧା ଟ୍ରକ୍ ଡ୍ରାଇଭର ଗାଡ଼ି ପାର୍କିଂରେ ନ ରଖି ରାସ୍ତା କଡ଼, ପ୍ରସ୍ତାବିତ ମିନି ଷ୍ଟାଡିୟମ ଓ ସୌରିକ ପଡ଼ିଆରେ ରଖୁଥିବାରୁ ପରିବେଶ ଦୂଷିତ ହେବାରେ ଲାଗିଛି। କଲରଙ୍ଗୀ ଗ୍ରୀଡ଼କୋ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ଛୋଟବଡ ଗଛକୁ ଦଳି ତାହାରି ଉପରେ ଟ୍ରକ୍ ଠିଆ କରୁଥିଲେ ସୁଦ୍ଧା ବନ ବିଭାଗ ସବୁ ଦେଖି ଚୁପ୍ ରହୁଛି। ଗ୍ରୀଡ଼କୋ ପାଖରେ ଥିବା ଛୋଟିଆ ଜଙ୍ଗଲକୁ ସଫା କରି ଏବେ ପାର୍କିଂରେ ପରିଣତ କରାଯାଇଥିଲେ ସୁଦ୍ଧା ବନ ବିଭାଗର ଦୃଷ୍ଟି ପଡ଼ିନାହିଁ। ଏହାକୁ ତୁରନ୍ତ ବନ୍ଦ କରି ବିଭିନ୍ନ ଖଣି ମାଲିକ ନିଜ ନିଜ ଲିଜ୍ ଅଞ୍ଚଳରେ ଟ୍ରକ୍ ପାର୍କିଂ କରିବା ସହ ପ୍ରସ୍ତାବିତ ମିନି ଷ୍ଟାଡ଼ିୟମ ନିର୍ମାଣ କରିବା ଓ ସୌରିକ ଦୁର୍ଗାପୂଜା ପଡ଼ିଆର ଉନ୍ନତିକରଣ କରିବାକୁ ସାଧାରଣରେ ଦାବି ହେଉଛି।

# ସୁକୁରୁଙ୍ଗୀ ଜନଶୁଣାଣି ଶିବିରରେ ଗ୍ରାମବାସୀଙ୍କ ବିରୋଧ

କାଳିଆପାଣି, ୨୨।୧୧(ସମିସ): ଆଜି କାଳିଆପାଣି ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣ କାଳିଆପାଣି ଖଣିର ମାଟି ଡମ୍ପ ଓ ରାସ୍ତା ନିର୍ମାଣ ନିମନ୍ତେ ଜନଶୁଣାଣି ଶିବିର ଆୟୋଜିତ ହୋଇଥିଲା। ସୁକୁରୁଙ୍ଗୀ ଗ୍ରାମ ଯାତ୍ରା ପଡ଼ିଆରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ପ୍ରଭାବିତ ସୁକୁରୁଙ୍ଗୀ ଓ ସାରୁଆବିଲି ଗ୍ରାମବାସୀ ବିରୋଧ କରିଥିଲେ। ସୁକୁରୁଙ୍ଗୀ ଗ୍ରାମର ସୁକୁରୁଙ୍ଗୀ ମାଇନିଂ ଲିଜ୍ ପରିସରରେ ଥିବା ବେସରକାରୀ ଜମିରେ ଗୋଟିଏ ୫୦୦ ମିଟର ବିଶିଷ୍ଟ ରାସ୍ତା ଓ ପ୍ରାୟ ୧୧.୪୬୦୦ ଏକର ଘରୋଇ ଜମି ଅଧିଗ୍ରହଣ ନିମନ୍ତେ ଏହି ଜନଶୁଣାଣି ହୋଇଥିଲା। ତେବେ ସୁକୁରୁଙ୍ଗୀ ଗ୍ରାମର ମହିଳା ଓ ପୁରୁଷ ଜନଶୁଣାଣି ସ୍ଥଳକୁ ନ ଆସି ଦୂରରୁ ଥାଇ ବିରୋଧ କରି ସ୍ଲୋଗାନ ଦେଇଥିଲେ। ଗ୍ରାମବାସୀଙ୍କ ମଧ୍ୟରୁ ମାତ୍ର ପାଞ୍ଚ ପାଞ୍ଚ ଜଣ ମହିଳା ଓ ପୁରୁଷ ମଞ୍ଚ ଉପରକୁ ଆସି ଏହି ଜନଶୁଣାଣିକୁ ଘୋର ବିରୋଧ କରିବା ସହିତ ସମ୍ପୂର୍ଣ୍ଣ ବର୍ଜନ କରୁଛନ୍ତି ବୋଲି କହିଥିଲେ।



ପୁରୁଷ ପୁରୁଷ ଧରି ବଂଶାନୁକ୍ରମିକ କ୍ରମିକ ରହି ଆସୁଥିବା ନିଜର ପୈତୃକ ଜମିକୁ କାହାରିକୁ ହସ୍ତାନ୍ତର କରିବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଥିଲେ। ତେବେ ଓଡ଼ିଶା ଖଣି ନିଗମ ଏଠାରେ ଖଣି ଖୋଲିବା ପରଠାରୁ ସୁକୁରୁଙ୍ଗୀ ଗ୍ରାମର ଲୋକଙ୍କୁ କେବଳ ମିଥ୍ୟା ପ୍ରତିଶ୍ରୁତି ଛଡା ଆଉ କୌଣସି ଉନ୍ନତିମୂଳକ କାର୍ଯ୍ୟ କରି ନ ଥିବା ଅଭିଯୋଗ କରିଥିଲେ। ଏହି ଜନଶୁଣାଣିକୁ ଯାଜପୁର ଜିଲ୍ଲା ପ୍ରଶାସନ ଆୟୋଜନ କରିଥିବାବେଳେ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ ମିଶ୍ର, ସୁକିନ୍ଦା ତହସିଲଦାର ଦମୟନ୍ତୀ ବେହେରା ଓ କଳିଙ୍ଗନଗର ଆଞ୍ଚଳିକ ପରିବେଶ ପ୍ରଦୂଷଣ ବୋର୍ଡ ଅଧକ୍ଷ ପ୍ରମୋଦ ବେହେରା ପରିଚାଳନା କରିଥିଲେ। କାଳିଆପାଣି ସରପଞ୍ଚ ବିକାଶ ପାତ୍ର, କଂସ ସରପଞ୍ଚ ଶ୍ରୀମତୀ ରାଜାରାଣୀ ଦେହୁରୀ, ୩୭ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି ଓ ଓଡ଼ିଶା ଖଣି ନିଗମ ଦକ୍ଷିଣ କାଳିଆପାଣିର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## କଳାପଥର ବୋଝେଇ ୨ ହାଇୱା ଜବତ

ଛତିଆ/କବାଟବନ୍ଧ, ୨୨।୧୧(ସମିସ): କଟକ ବନଖଣ୍ଡ ଅନ୍ତର୍ଗତ ବୈରୀଠାରେ ଥିବା ଡାଲିଯୋଡ଼ା ବନାଞ୍ଚଳର ବଳରାମପୁର ପ୍ରାଥମିକ ସଂରକ୍ଷିତ ଜଙ୍ଗଲରେ କଟକ ଭିଜିଲାନ୍ସ ଓ ବୈରୀ ଜଙ୍ଗଲ ବିଭାଗ ମିଳିତ ଭାବେ ଚଢ଼ଉ କରି ୨ଟି କଳାପଥର ବୋଝାଇ ହାଇୱାକୁ ଜବତ କରାଯାଇଛି। ଡାଲିଯୋଡ଼ ବନାଞ୍ଚଳର ବଳରାମପୁର ପ୍ରାଥମିକ ସଂରକ୍ଷିତ ଜଙ୍ଗଲରେ ବେଆଇନ କଳାପଥର ଖୋଳାଯାଉଥିବା ଖବର ପାଇ କଟକ ଭିଜିଲାନ୍ସ ଡିଏଫ୍‌ଓ ରଜନୀ କାନ୍ତ ମହାନ୍ତି କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ଅନୀଲ କୁମାର ରାୟ, ରେଞ୍ଜର ହିମାଂଶୁ ଶେଖର ପୃଷ୍ଟି, ଶଶୀକାନ୍ତ ବେହେରା, ଫରେଷ୍ଟର ମାଣିକ ମୁଣ୍ଡା, ମହମ୍ମଦ ସାକିର ହୁସେନ ଓ ଅଶ୍ୱିନୀ କୁମାର ସାହୁ ପ୍ରମୁଖଙ୍କୁ ନେଇ ଆଜି ଭୋରୁ ବଳରାମପୁର ଜଙ୍ଗଲରେ ଚଢ଼ଉ କରିଥିଲେ। ବେଆଇନ କଳାପଥର ବୋଝେଇ କରିଥିବା ୨ଟି ହାଇୱାକୁ ଜବତ କରିବା ସହିତ ବୈରୀ ଜଙ୍ଗଲ ବିଭାଗ କାର୍ଯ୍ୟାଳୟରେ ରଖାଯାଇଛି। ଜଙ୍ଗଲ ବିଭାଗ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏଫ୍‌ଓ ରଜନୀ କାନ୍ତ ମହାନ୍ତି ପ୍ରକାଶ କରିଛନ୍ତି।

# ଟ୍ରାକ୍ଟର ଓଲଟି ବୃଦ୍ଧଙ୍କ ମୃତ୍ୟୁ

ଛତିଆ, ୨୨।୧୧(ସମିସ): ଆଜି ପ୍ରାୟ ୧ଟା ସମୟରେ ବୈରୀ ଥାନା ଅନ୍ତର୍ଗତ ଶାଳପଡ଼ା ପଞ୍ଚାୟତର ବାଉଁଶମୂଳୀ ଗ୍ରାମ ଛକରେ ଦୁର୍ଘଟଣା ଘଟି ଜଣେ ବୃଦ୍ଧ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ବାଉଁଶମୂଳୀ ଗ୍ରାମର ଜଣେ ବ୍ୟକ୍ତିଙ୍କ ଟ୍ରାକ୍ଟର ଧାନ ବୋଝେଇ କରି ଗୋପାଳପୁର ଆଡ଼କୁ ଯାଉଥିବାବେଳେ ବାଉଁଶମୂଳୀ ଗ୍ରାମର ମୁଖ୍ୟ ଛକଠାରେ ସେହି ଗ୍ରାମର କୁମର ମଲ୍ଲିକ କୌଣସି ଏକ କାମ କରୁଥିବା ସମୟରେ ତାଙ୍କ ଉପରେ ଚଢ଼ି ଓଲଟି ପଡ଼ିଥିଲା। ଆହତ କୁମରଙ୍କୁ ତୁରନ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବୈରୀ ଥାନା ପୁଲିସ ଏକ ମାମଲା ରୁଜୁ କରି ମୃତ ଶରୀରକୁ ବ୍ୟବଚ୍ଛେଦ କରିବାକୁ ପଠାଇ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିଛି। ଟ୍ରାକ୍ଟର ଡ୍ରାଇଭର ଫେରାର ଥିବା ଜଣାପଡ଼ିଛି।

## ଚୋରି ସାମଗ୍ରୀ ଜବତ, ୨ ଗିରଫ

ଛତିଆ, ୨୨।୧୧( ସମିସ): ବୈରୀ ଥାନା ଅନ୍ତର୍ଗତ ଛତିଆ ପଞ୍ଚାୟତରେ ଥିବା ଏକ ଆଇସ୍କ୍ରିମ୍ କମ୍ପାନୀରୁ ପାଣି ମଟର ଓ ଓଜନ କଣ୍ଟା ମେସିନ୍ ଗତ ସପ୍ତାହରେ ଚୋରି ହୋଇଥଲା। ଏ ନେଇ ଉକ୍ତ କମ୍ପାନୀର ମାଲିକ ପୂର୍ଣ୍ଣଚନ୍ଦ୍ର ସାହୁ ବୈରୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୁଲିସ ମଙ୍ଗଳବାର ରାତିରେ ନୟାପାଟଣା ଗ୍ରାମରେ ଚଢ଼ଉ କରି ୨ ଜଣଙ୍କୁ ଧରିବା ସହ ଚୋରି ଜିନିଷ ଜବତ କରିଥିଲା। ଗିରଫ ହୋଇଥିବା ଦୁଇଜଣ ନୟାପାଟଣା ଗ୍ରାମର ବଳରାମ ବେହେରା ଓ ମନୋଜ କୁମାର ସାହୁ ବୋଲି ସୂଚନା ମିଳିଛି। ସେମାନଙ୍କ ବିରୁଦ୍ଧରେ ୨୨୦/୨୩ରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି।

# ଗୁଟ୍‌ଖା ଦୋକାନ ଉପରେ ଚଢ଼ଉ



ପାଣିକୋଇଲି, ୨୨।୧୧(ସମିସ): ପାଣିକୋଇଲିରେ ଗୁଟ୍‌ଖା ବିକ୍ରି ଉପରେ ରୋକ୍ ଲଗାଇବା ପାଇଁ ଡ୍ରଗ୍ସ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଚଢ଼ଉ କରାଯିବା ସହ ଜରିମାନା ଆଦାୟ ଓ ସଚେତନ କରାଯାଇଛି। ଡ୍ରଗ୍ସ ଇନ୍ସପେକ୍ଟର ଚିତ୍ତରଞ୍ଜନ ମଲ୍ଲିକ, ପାଣିକୋଇଲି ଥାନା ହାବିଲଦାର ସୁଲୋଚନ ବେହେରା ପ୍ରମୁଖ ସଦଳବଳେ ଆଜି ପୂର୍ବାହ୍ଣରେ ପାଣିକୋଇଲି ବଜାରରେ ଖୁଲମଖୁଲା ଗୁଟ୍‌ଖା ବିକ୍ରି ଦେଖି ଚଢ଼ଉ କରିଥିଲେ। ଅନେକ ଦୋକାନରେ ମାଳମାଳ ଗୁଟ୍‌ଖା ଟଙ୍ଗା ଯାଇ ବିକ୍ରି ହେଉଥିବା ଦେଖି ଜରିମାନା ଆଦାୟ କରିବା ସହ ପରବର୍ତ୍ତୀ ସମୟରେ ଏଥିରୁ ନିବୃତ୍ତ ରହିବାକୁ ସେମାନଙ୍କୁ ସଚେତନ ମଧ୍ୟ କରିଥିଲେ।

## ବ୍ୟବସାୟୀ ସାଇବର ଠକେଇର ଶିକାର / ଆକାଉଣ୍ଟରୁ ୫୦ ହଜାର ଗାଏବ

ଧର୍ମଶାଳା, ୨୨।୧୧ (ସମିସ): ଧର୍ମଶାଳା ଥାନା ଜାରକା ଶାନ୍ତିବଜାର ଅଞ୍ଚଳର ସୁରେନ୍ଦ୍ର ପାଣିଙ୍କ ପୁଅ ସୁଫନ ପାଣି ସାଇବର ଠକେଇର ଶିକାର ହୋଇଥିବା ଜଣାପଡ଼ିଛି। ଗତ ୨୦ ତାରିଖରେ ଜାରକା ବନ୍ଧନ ବ୍ୟାଙ୍କରେ ଥିବା ତାଙ୍କ ଆକାଉଣ୍ଟରୁ ଅଚାନକ ୩୦ ହଜାର ଓ କିଛି ସମୟ ପରେ ୨୦ ହଜାର ମୋଟ ୫୦ ହଜାର ଟଙ୍କା ଉଠାଣ ହୋଇଥିବା ସେ ଫୋନ ଯୋଗେ ସକାଳ ୧୦.୩ ମିନିଟ୍‌ରେ ମେସେଜ ପାଇଥିଲେ। ବିନା ଓଟିପିରେ ତାଙ୍କ ଆକାଉଣ୍ଟ ହ୍ୟାକ କରାଯାଇ ସାଇବର ଠକ ଫ୍ଲିପ କାର୍ଟରେ ଗିଫ୍ଟ ଭାଉଚର୍ କିଣିଥିବା ସେ ଅଭିଯୋଗ କରିଛନ୍ତି। ବ୍ୟାଙ୍କକୁ ଯାଇ ଆକାଉଣ୍ଟକୁ ବନ୍ଦ୍ କରିଥିଲେ। ଏ ନେଇ ଥାନାରେ ମଧ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ୨୪ ଘଣ୍ଟା ମଧ୍ୟରେ ରୁଜୁ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ବିଳମ୍ବ ଯୋଗୁଁ ସାଇବର କ୍ରାଇମ୍‌ର ଦ୍ୱାରସ୍ଥ ହୋଇ ପାରିନାହାଁନ୍ତି। ଏ ସମ୍ପର୍କରେ ସେ ଓଡ଼ିଶା ପୁଲିସ ଓ ଯାଜପୁର ଆରକ୍ଷୀ ଅଧୀକ୍ଷକଙ୍କୁ ଟୁଇଟ କରି ଜଣାଇଛନ୍ତି।

## ଜିଆରଏସ୍ ବହିଷ୍କୃତ



ପାଣିକୋଇଲି, ୨୨।୧୧(ସମିସ): କୋରେଇ ବ୍ଲକ ଗୋଳେଇପୁର ଓ ମୂଳାପାଳ ପଞ୍ଚାୟତର ଜିଆରଏସ୍ ଦିଲ୍ଲୀପ ଦୀକ୍ଷିତ ଗତ ନଭେମ୍ବର ୯ ତାରିଖରେ ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ବହିଷ୍କୃତ କରାଯାଇଛି। ଗୋଳେଇପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ପାଇଁ ହିତାଧିକାରୀଙ୍କଠାରୁ ବିଲ୍ କରାଇ ଦେବାକୁ ଶ୍ରୀ ଦୀକ୍ଷିତ ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତେଲିଆ ଗ୍ରାମର ମୃତ୍ୟୁଞ୍ଜୟ ବିଶ୍ୱାଳଙ୍କଠାରୁ ଗତ ୯ ତାରିଖ ଦିନ ଲାଞ୍ଚ ନେଉଥିବାବେଳେ କଟକ ଭିଜିଲାନ୍ସ ଟିମ ହାତରେ ଧରାପଡ଼ିଥିଲେ।

# ଟ୍ରକ୍ ଚାଳକଙ୍କ ସନ୍ଦେହଜନକ ମୃତ୍ୟୁ

ପାଣିକୋଇଲି, ୨୨।୧୧ (ସମିସ): ପାଣିକୋଇଲିସ୍ଥ ଆଶୀର୍ବାଦ ଇଂଜିନିୟରିଂ ଏଣ୍ଡ କନଷ୍ଟ୍ରକସନରେ କାର୍ଯ୍ୟରତ ଜଣେ ଟ୍ରକ ଚାଳକଙ୍କ ଶବ ଆଜି ସନ୍ଦେହଜନକ ଅବସ୍ଥାରେ ଗାଡି ମଧ୍ୟରୁ ଉଦ୍ଧାର କରାଯାଇଛି। ଏ ନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୨୪/୨୩ରେ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ କରାଯାଇ ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି।



ପୁରୀ ଜିଲ୍ଲା ସତ୍ୟବାଦୀ ଟିପୁରୀ କଣାସ ଅଞ୍ଚଳର ଏକାରୁଖା ଗ୍ରାମର ପ୍ରହ୍ଲାଦ ପ୍ରଧାନଙ୍କ ପୁଅ ଚିତ୍ତରଞ୍ଜନ ପ୍ରଧାନ (୨୭) ଟ୍ରକ୍ ଚାଳକ ଭାବେ ଦେଢ ମାସ ହେବ କାମ କରୁଥିଲେ। ଆଜି ସକାଳ ସାଢେ ୭ଟାବେଳେ କମ୍ପାନୀର କର୍ମଚାରୀ ଗାଡ଼ିରେ ତେଲ ପକାଇବାକୁ ଡାକିବାରୁ ଚିତ୍ତରଞ୍ଜନ କୌଣସି ଉତ୍ତର ଦେଇ ନ ଥିଲେ। ପରେ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଂସ୍ଥା ପକ୍ଷରୁ ମୃତ ଡ୍ରାଇଭରଙ୍କ ପରିବାରକୁ ଅବଗତ କରାଯାଇଛି। ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ପାଣିକୋଇଲି ଏଏସଆଇ ପ୍ରତାପ କୁମାର ଗଡ଼ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ତେବେ ଏ ପର୍ଯ୍ୟନ୍ତ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।




## ଚଣ୍ଡିଖୋଲ-ଡୁବୁରୀ ଜାତୀୟ ରାଜପଥ

# କାମ ନିମ୍ନମାନର ଅଭିଯୋଗ

ଚଢ଼େଇଧରା, ୨୨।୧୧(ସମିସ):

ଚଣ୍ଡିଖୋଲ-ଡୁବୁରୀ ୫୩ ନଂ. ଜାତୀୟ ରାଜପଥ। ଯାହାକି ଦୈତାରୀ ମାଇନ୍ସଠାରୁ ପାରାଦୀପ ବନ୍ଦର ପର୍ଯ୍ୟନ୍ତ ୧୬୦ କିମି ରାସ୍ତା ୧୯୬୦-୬୧ରେ ନିର୍ମାଣ କରାଯାଇଥିଲା। ଯାହାର ନାମ ଥିଲା ଏକ୍ସପ୍ରେସ ୱେ। ତେବେ କିଛିବର୍ଷ ପୂର୍ବେ ତାହା ଜାତୀୟ ରାଜପଥ ଭାବେ କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି। ଉକ୍ତ ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ଏହା ନିମ୍ନମାନର ହେଉଥିବା ଅଭିଯୋଗ ଆସିଛି। ଏହାର ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି।



ତଦନ୍ତ ପାଇଁ ସାଧାରଣରେ ଦାବି

ଜାତୀୟ ରାଜପଥ ଉପରେ ଅନୁଗୋଳ, କେନ୍ଦୁଝର, ଯାଜପୁର ଜିଲ୍ଲାରେ ଥିବା ଖଣି ଖାଦାନର ମାଲ ପରିବହନ ପାଇଁ ନିର୍ଭର କରିଥା'ନ୍ତି। ଏଥିସହିତ ଉକ୍ତ ରାସ୍ତାରେ କଳିଙ୍ଗନଗର ଅଞ୍ଚଳ ଶିଳ୍ପାଞ୍ଚଳରୁ ବିଭିନ୍ନ ସାମଗ୍ରୀ ବାହାର ଅଞ୍ଚଳକୁ ଚାଲାଣ ହେଉଛି। ଧର୍ମଶାଳା ତହସିଲ ଅଞ୍ଚଳରୁ ପାହାଡ଼ରୁ କଳା ଗ୍ରାନାଇଟ ପଥର ସାଙ୍ଗକୁ କ୍ରସରରୁ ଚିପ୍ସ, ମେଣ୍ଟାଲ, ବଜୁରି ଡଷ୍ଟ ପ୍ରଭୃତି ଓଭରଲୋଡ ଗାଡ଼ି ସର୍ବଦା ଯାତାୟାତ କରୁଛି। ଫଳରେ ଉକ୍ତ ରାସ୍ତାର ମଧ୍ୟଭାଗ ଚଣ୍ଡିଖୋଲ-ଡୁବୁରି ରାସ୍ତାଟି ମରଣଯନ୍ତା ପାଲଟିଛି। ଏହି ରାସ୍ତାର ପୁନରୁଦ୍ଧାର ସହ ନୂତନ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ୨୦୧୫ରେ ଏକ ବିଦେଶୀ କମ୍ପାନୀ ଆଇସୋଲେକସ ଟେଣ୍ଡର ନେଇଥିଲା। ତେବେ ଏହି କମ୍ପାନୀ ରାସ୍ତା କାମ ଅଧାପନ୍ତରିଆ କରି ଚମ୍ପଟ ମାରିବାରୁ କାମ ବନ୍ଦ ରହିଲା। ଏକ ବର୍ଷ ପରେ ଗେମନ ଇଣ୍ଡିଆ ଉକ୍ତ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ନେଇଥିଲା। ଏହି ଠିକା ସଂସ୍ଥା ଏମଏସିଆଇଏଲ ମାଧ୍ୟମରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିଲେ ହେଁ ଦୀର୍ଘବର୍ଷ ପରେ ବି ଅଧା ହୋଇନି।

ଅପରପକ୍ଷରେ ବ୍ରାହ୍ମଣୀ ନଦୀ ଉପରେ ଏକ ବଡ଼ ବ୍ରିଜ ରହିଛି। ନୂତନ ବ୍ରିଜ ନିର୍ମାଣ ହୋଇନାହିଁ ଓ ଉକ୍ତ ଠିକାସଂସ୍ଥା ମନମାନିରେ ରାସ୍ତା ନିର୍ମାଣ ଚାଲିଛି। ଏଥିରେ ବ୍ୟାପକ ଦୁର୍ନୀତି ସାଙ୍ଗକୁ ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଲାଗି ରହିଛି। କେତେକ ସ୍ଥାନରେ ପିଚୁ ରାସ୍ତା ନିର୍ମାଣ ହୋଇଛି ତ ଅନେକ ସ୍ଥାନରେ ଅଧାରେ ପଡ଼ିଛି। ଉକ୍ତ ରାସ୍ତା ନିର୍ମାଣ କେତେ ବର୍ଷରେ ସରିବ ତାହା ଜଣାନାହିଁ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବଡ଼ବିଲରୁ ପାରାଦୀପ ଜାରି ପାଇପ୍ ବିଛା କାମ

# ବିନା ସୁରକ୍ଷାରେ କାମ କରୁଛନ୍ତି ଶ୍ରମିକ; ଅଘଟଣ ଆଶଙ୍କା

**କୋରେଇ, ୨୨।୧୧(ସମିସ):**

ଦେଶରେ ଅନେକ ସ୍ଥାନରେ ଟନେଲ ଖୋଳା କାମ ଚାଲୁଥିବାବେଳେ ବେପରୁଆ ମନୋଭାବ ଯୋଗୁଁ କେତେକ ଟନେଲ ଭିତରେ କାର୍ଯ୍ୟରତ ଶ୍ରମିକ ଫସି ଯାଉଛନ୍ତି। ଏମାନଙ୍କୁ ଉଦ୍ଧାର କରିବା ପାଇଁ ପ୍ରଶାସନକୁ ନାକେଦମ ହେବାକୁ ପଡୁଛି। ଉତ୍ତରାଖଣ୍ଡର ଉତ୍ତରକାଶୀରେ ନିର୍ମାଣଧୀନ ଟନେଲ ଭୁଶୁଡ଼ିବା ଯୋଗୁଁ ୪୧ ଜଣ ଶ୍ରମିକ ଟନେଲ ଭିତରେ ଫସି ରହିଛନ୍ତି। ସମସ୍ତ ଶ୍ରମିକଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ଚେଷ୍ଟା କରାଯାଉଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସଫଳତା ମିଳିନାହିଁ। ଏ ପରିପ୍ରେକ୍ଷୀରେ ପାଣିକୋଇଲିରୁ ରାଜାମୁଣ୍ଡା ଯାଇଥିବା ୨୦ନଂ ଜାତୀୟ ରାଜପଥ ପାର୍ଶ୍ୱରେ ବଡବିଲଠାରୁ ପାରାଦୀପ ପର୍ଯ୍ୟନ୍ତ ପାଇପ୍ ବିଛା କାର୍ଯ୍ୟ ଚାଲୁଥିବାବେଳେ କୋରେଇ ଥାନା ଅନ୍ତର୍ଗତ ରଗଡ଼ି ଛକରେ ମଧ୍ୟ ଏହି କାର୍ଯ୍ୟ ଚାଲୁଛି। ତେବେ ଏଠାରେ ବିନା ସୁରକ୍ଷାରେ ଶ୍ରମିକ କାମ କରୁଛନ୍ତି। ଫଳରେ ଅଘଟଣ ଆଶଙ୍କା କରାଯାଉଛି। ଏଥିପ୍ରତି ଠିକା ସଂସ୍ଥା ଦୃଷ୍ଟି ଦେବାକୁ ଦାବି ହେଉଛି।



ପାଇପ୍ ବିଛା କାମ ଜେଏସଡବ୍ଲ୍ୟୁ ଠିକା ସଂସ୍ଥା ପକ୍ଷରୁ କରାଯାଉଥିବାବେଳେ ଜେଏସଡବ୍ଲ୍ୟୁ ପାଖରୁ କେପିଟିଏଲ ଠିକା ସଂସ୍ଥା କାମ ଆଣି ରଗଡ଼ିରେ ଟନେଲ ଖୋଳା କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଅଘଟଣକୁ ଖାତିରି ନ କରି ଜୀବନକୁ ବାଜି ଲଗାଇ ଏହି ଟନେଲ ଖୋଳା କାର୍ଯ୍ୟରେ ନିୟୋଜିତ ଅଛନ୍ତି ୪/୫ ଜଣ ଶ୍ରମିକ। ଏହି କାର୍ଯ୍ୟ ପାଇଁ ୩୬ ଇଞ୍ଚର ପାଇପ୍ ମାଟି ତଳେ ବିଛାଇବା ଲାଗି ରଗଡ଼ି ଛକରେ ୧୦/୧୫ ଫୁଟ ତଳେ ୨୭ ମିଟର ଲମ୍ବ ଓ ୩୭ ଇଞ୍ଚ ଚଉଡାରେ ଏକ ଟନେଲ ଖୋଳା କାର୍ଯ୍ୟ ଚାଲୁଛି। ଏହି କାର୍ଯ୍ୟରେ ବିହାର ରାଜ୍ୟର ମୋତିଆରୀ ଜିଲ୍ଲାରୁ ୪/୫ ଜଣ ଶ୍ରମିକ ନିୟୋଜିତ ଅଛନ୍ତି। ଏମାନେ ଉକ୍ତ ଟନେଲ ଭିତରେ ପଶି ଡ୍ରିଲ୍ ମେସିନ ଦ୍ୱାରା ଦିନକୁ ୨ ମିଟର ଖୋଳୁଥିବା ପ୍ରକାଶ କରିଛନ୍ତି। କିନ୍ତୁ ପରିତାପର ବିଷୟ ଏମାନେ ଭିତରେ ପଶି କାର୍ଯ୍ୟ କଲାବେଳେ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁ ନ ଥିବା ପରିଲକ୍ଷିତ ହେଇଛି। ଏମାନେ ଭିତରକୁ ପଶିଲା ବେଳେ ଡ୍ରିଲ୍ ମେସିନ ସହିତ ଗୋଟିଏ ଟର୍ଚ୍ଚ ଓ ଗୋଟିଏ ଜଳୁଥିବା ବିଦ୍ୟୁତ୍ ବଲକୁ ସାଙ୍ଗରେ ନେଉଥିବା ଦେଖିବାକୁ ମିଳିଛି। ଏଠାରେ ଠିକା ସଂସ୍ଥା ବିନା ସୁରକ୍ଷା ଉପକରଣରେ ବିପଦପୂର୍ଣ୍ଣ ଅବସ୍ଥାରେ ଶ୍ରମିକଙ୍କୁ କାର୍ଯ୍ୟ କରାଉଛନ୍ତି। ଏପରିକି ଶ୍ରମିକମାନେ ସୁରକ୍ଷା ଜୋତା, ହେଲମେଟ, ଗ୍ଲୋବସ ଓ ରେଡିୟମ ଲାଗିଥିବା ବସ୍ତ୍ର ପରିଧାନ କରୁ ନ ଥିବା ଦେଖା ଯାଉଛି। ଯେହେତୁ ଏମାନେ ୧୦/୧୫ ଫୁଟ ତଳେ ଟନେଲ ଖୋଳୁଛନ୍ତି ଏଥିପାଇଁ ଅମ୍ଳଜାନର ବ୍ୟବସ୍ଥା କରାଯାଇ ନ ଥିବା ନିୟୋଜିତ ଶ୍ରମିକ ପ୍ରକାଶ କରିଛନ୍ତି। ଏଭଳି ବିପଦପୂର୍ଣ୍ଣ ସ୍ଥାନରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିକୋଣରୁ କେନ୍ଦ୍ର ସରକାର ଏସବୁ ସୁରକ୍ଷା ଉପକରଣ ବ୍ୟବହାର କରିବା ପାଇଁ ଏକ ସ୍ୱତନ୍ତ୍ର ନିୟମ ପ୍ରଣୟନ କରିଛନ୍ତି। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖାଯିବା ସହିତ ଠିକାଦାରଙ୍କ ଖାମଖିଆଲି ମନୋଭାବ ଯୋଗୁଁ କେତେବେଳେ ଯେ ଅଘଟଣ ଘଟିବ, ତାହା କହିବା ମୁସ୍କିଲ।

ଏଥିସହିତ ଏହି ଟନେଲ ଖୋଳାଯାଉଥିବା ସ୍ଥାନ ଉପରେ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ମଧ୍ୟ ରହିଛି। ଏହା ତଳୁ ମାଟି କାଢି ନେଲା ପରେ ବିଦ୍ୟୁତ୍ ଖୁଣ୍ଟ ପ୍ରତି ବିପଦ ସୃଷ୍ଟି ହେବା ଆଲୋଚନା ହେଉଛି। ଏଭଳି ବିପଦପୂର୍ଣ୍ଣ ଭାବେ ଶ୍ରମିକମାନେ କାର୍ଯ୍ୟ କରୁଥିବା ହେତୁ ସାଧାରଣରେ କ୍ଷୋଭ ପ୍ରକାଶ ପାଉଛି। ବିଡ଼ମ୍ବନାର ବିଷୟ କାର୍ଯ୍ୟ ସମୟରେ କୌଣସି ବିଭାଗୀୟ ଅଧିକାରୀ କି ଠିକା ସଂସ୍ଥାର ଅଧିକାରୀ ଉପସ୍ଥିତ ରହୁନାହାନ୍ତି। ଏଠାରେ ପ୍ରଶ୍ନ ଉଠେ ଏଥିପ୍ରତି ସୁରକ୍ଷା ଅଧିକାରୀଙ୍କ ନଜର ନାହିଁ ନା ଠିକାଦାରଙ୍କଠାରୁ ପିସି ଖାଇ ଶ୍ରମିକମାନଙ୍କୁ ବିପଦ ମୁହଁକୁ ଠେଲି ଦେଇ ନିଦାବିଷ୍ଣୁ ସାଜି ଶୀତତାପ ରୁମରେ ବସିଛନ୍ତି। ଏ ସମ୍ପର୍କରେ ଠିକା ସଂସ୍ଥାର କର୍ମଚାରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏଠାରେ ଖୋଲାଖୋଲି ଶ୍ରମିକ ଆଇନକୁ ଉଲ୍ଲଂଘନ କରାଯାଉଥିବା ଆଲୋଚନା ହେଉଛି। ଠିକାଦାରଙ୍କ ଖାମଖିଆଲ ମନୋଭାବ ଯୋଗୁଁ କେତେବେଳେ ଯେ ଅଘଟଣ ଘଟିବ ତାହା କହି ହେବନାହିଁ। ତେଣୁ ବେଳୁ ସତର୍କତା ଅବଲମ୍ବନ କଲେ ଅଘଟଣ ଘଟିବାକୁ ଏଡ଼ାଇ ଦିଆଯାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ଜୟଦୁର୍ଗା ହାଇସ୍କୁଲ ନୂତନ ଗୃହର ଶିଳାନ୍ୟାସ



**କୋରେଇ, ୨୨।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁର ପଞ୍ଚାୟତ ଓଷଳା ଗ୍ରାମର ଜୟଦୁର୍ଗା ହାଇସ୍କୁଲକୁ ରାଜ୍ୟ ସରକାରଙ୍କ '୫-ଟି' ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଏ ପରିପ୍ରେକ୍ଷୀରେ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କ ଦ୍ୱାରା ବିଦ୍ୟାଳୟରେ ଏକ ନୂତନ ଗୃହର ଶିଳାନ୍ୟାସ ହୋଇଛି। ବିଧାୟକଙ୍କୁ କଡମିଆଁ ଛକଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ହାଇସ୍କୁଲକୁ ନିଆଯାଇ ସେଠାରେ ନୂତନ ଗୃହର ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କୋରେଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳେଇ, ସରପଞ୍ଚ ମଧୁଛନ୍ଦା ମହାନ୍ତି, ସମିତିସଭ୍ୟ କାର୍ତ୍ତିକେଶ୍ୱର ଖଣ୍ଡାଇ, ପୂର୍ବତନ ସରପଞ୍ଚ ରାଧେଶ୍ୟାମ ଜେନା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ରାମଚନ୍ଦ୍ର ମହାନ୍ତି, କାଳନ୍ଦୀ ଜେନା, ପ୍ରବୋଦ ଜେନା, ବ୍ଲକ ଯୁବ ସଭାପତି ସୌଭାଗ୍ୟ ମହାନ୍ତି, ସମିତିସଭ୍ୟ ରଶ୍ମୀରଞ୍ଜନ ପରିଡ଼ା, ଉଦୟ କୁମାର ସାହୁ, ପୂର୍ବତନ ସରପଞ୍ଚ ସୁରେଖା ସେଠୀ, ଯୁବନେତା ପାର୍ଥସାରଥୀ ଜେନା, ଉମାକାନ୍ତ ଶତପଥୀ, ହଳଦୀଗଡ଼ିଆ ପଞ୍ଚାୟତର ସରପଞ୍ଚ ଅନୀଲ ମହାପାତ୍ର, ପୂର୍ବତନ ସରପଞ୍ଚ ସୁଧାଂଶୁ ବରାଳ, ଯୁବନେତା ରାକେଶ ମହାନ୍ତି, ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଧାନ ବୋଝେଇ ଗାଡ଼ିରୁ ଖସିଲା ବସ୍ତା, ବର୍ତ୍ତିଲେ ଯାତ୍ରୀ

**ଷଠିପୁର, ୨୨।୧୧(ସମିସ):** ଆଜି ମଧ୍ୟାହ୍ନରେ ଏକ ଧାନ ବୋଝେଇ ପିକଅପ୍ ଗାଡ଼ି ଷଠିପୁରରୁ ଯାଜପୁର ଅଭିମୁଖେ ଯାଉଥିବାବେଳେ ଷଠିପୁରର ଅନତୀ ଦୂରରେ ଗାଡ଼ିରୁ ଧାନ ବସ୍ତା ଖସି ଛିଟିକି ପଡ଼ିଥିଲା। ଫଳରେ ରାସ୍ତାରେ ବସ୍ତା ପଡ଼ିବାରୁ କିଛି ସମୟ ପାଇଁ ଯାତାୟତ ଠପ ହୋଇଥିଲା। ଧାନ ବସ୍ତାଗୁଡ଼ିକୁ ରାସ୍ତା କଡକୁ ଆଣିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ରାସ୍ତା ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବାବେଳେ ସୌଭାଗ୍ୟବଶତଃ କୌଣସି ଯାତ୍ରୀଙ୍କ ଉପରେ ପଡ଼ିବା ପୂର୍ବରୁ ଯାତ୍ରୀ ଅଟକି ରହିଯିବାରୁ ନିଶ୍ଚିନ୍ତ ଦୁର୍ଘଟଣାରୁ ବର୍ତ୍ତିଯାଇଥିଲେ।

## ସମାଜସେବୀଙ୍କ ପରଲୋକ



**ଙ୍ଗିହପୁର, ୨୨।୧୧(ସମିସ):** ବିଂଝାରପୁର ବ୍ଲକ ଅନ୍ତର୍ଗତ ରଣପୁର ପଞ୍ଚାୟତ ରଣପୁର ଗ୍ରାମର ବରିଷ୍ଠ ପଶୁ ଚିକିତ୍ସକ ତଥା ସମାଜସେବୀ ଜୟକୃଷ୍ଣ ସାମଲଙ୍କ ୯୨ ବୟସରେ ୨୧ ତାରିଖ ଦିନ ପରଲୋକ ହୋଇଯାଇଛି। ତାଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଯକୃତଜନିତ ରୋଗରେ ଦୀର୍ଘଦିନ ଚିକିତ୍ସା ପରେ ଘରେ ପରଲୋକ ହୋଇଛି। ଶ୍ରୀ ସାମଲଙ୍କ ବିୟୋଗ ଖବର ପାଇ ଦୀପକ ନାୟକ, ସୁରେନ୍ଦ୍ର ରାୟ, ଜିଲ୍ଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସମାଜସେବୀ କୈଳାସ ସେଠୀ, ସୁଧାଂଶୁ ଶେଖର ଧଳ ପହଞ୍ଚି ଶେଷ ଦର୍ଶନ କରିଥିଲେ। ବଡ଼ପୁଅ ଚିତ୍ତରଞ୍ଜନ ସାମଲ ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକରେ ବିଂଝାରପୁର ନାଗରିକ ମଞ୍ଚର ସଭାପତି ରବୀନ୍ଦ୍ର କୁମାର ଧଳ, ରବୀନ୍ଦ୍ର ପରିଡ଼ା, ସାମ୍ବାଦିକ ଅନିରୁଦ୍ଧ ବେଉରିଆ, ଗୁରୁଚରଣ ଥାଟୋଇ, ଅଦି ସାମଲ, କୈଳାସ ସାମଲ, ନିରଞ୍ଜନ ବେଉରିଆ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ବିୟୋଗ



**କୁଆଖିଆ, ୨୨।୧୧(ସମିସ):** ରାହାମ୍ବା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବିଶିଷ୍ଟ ସମାଜସେବୀ ମୋହିଉଦ୍ଦିନ ମହମ୍ମଦଙ୍କ ଆଜି ସନ୍ଧ୍ୟାରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଆଜି ଅପରାହ୍ନରେ ପ୍ରାର୍ଥନା ପରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନେବା ବାଟରେ ପରଲୋକ ହେଇଯାଇଥିଲା। ରାହାମ୍ବା ପଞ୍ଚାୟତର ନାଏବ ସରପଞ୍ଚ ହୋଇ ପରେ ଦୁଇ ଦୁଇଥର ସରପଞ୍ଚ ନିର୍ବାଚିତ ହୋଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଲୋକପ୍ରିୟ ନେତା ତଥା ସମାଜସେବୀ ଭାବେ ତାଙ୍କର ଖ୍ୟାତି ଥିଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସେ ପ୍ରିୟ ଥିଲେ। ସ୍ଥାନୀୟ ଅଞ୍ଚଳରେ ବହୁ ଶିକ୍ଷା ଓ ସାଂସ୍କୃତିକ ଅନୁଷ୍ଠାନ ପରିଚାଳନାରେ ତାଙ୍କର ପ୍ରତ୍ୟକ୍ଷ ସହଯୋଗ ରହିଥିଲା। ତାଙ୍କ ମୃତ୍ୟୁରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, କୋରେଇ ବିଧାୟକ ଅଶୋକ ବଳ, ବିଜେଡି ସାଂଗଠନିକ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## ଜାରକା ରୋଟାରୀ କ୍ଲବର ପ୍ରତିଷ୍ଠା ଦିବସ




**ଧର୍ମଶାଳା, ୨୨।୧୧(ସମିସ):** ଜାରକା ରୋଟାରୀ କ୍ଲବର ୧୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ବିପିନ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମ ସଭାପତି ପ୍ରଦୀପ୍ତ ବରାଳ ଯୋଗଦେଇ କେକ୍ କାଟି ଉଦ୍‌ଘାଟନ କରିଥିଲେ। ଏ ଅବସରରେ ଉପସ୍ଥିତ ସଦସ୍ୟ ନିଜ ନିଜ ନିଜ ବକ୍ତବ୍ୟରେ ୧୨ ବର୍ଷ ଧରି ରୋଟାରୀ କ୍ଲବର ସାମାଜିକ କାର୍ଯ୍ୟଧାରା, ପରସ୍ପର ପ୍ରତି ଭାତୃତ୍ୱ ଭାବ, ଏକତା ଓ ଅତୀତ ଇତିହାସକୁ ମନେ ପକାଇଥିଲେ। ଶେଷରେ ସମ୍ପାଦକ ଜୟଗୁରୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆଦର୍ଶ ମହିଳାଙ୍କ ଦ୍ୱାଦଶାହରେ ଶ୍ରଦ୍ଧାଞ୍ଜଳି ସଭା



**ବଡ଼ଚଣା, ୨୨।୧୧(ସମିସ):** ଚଣ୍ଡିଖୋଲ ସନ୍ନିକଟ କ୍ଷେତ୍ରପାଳ ଗ୍ରାମର ଆଦର୍ଶ ମହିଳା ଯଶୋଦା ମିଶ୍ରଙ୍କ ଦ୍ୱାଦଶାହରେ ଜିଲ୍ଲା ପୂଜ୍ୟପୂଜା ପରିଷଦ ପକ୍ଷରୁ ତାଙ୍କ ବାସଭବନରେ ଏକ ଶ୍ରଦ୍ଧାଞ୍ଜଳି ସଭା ପରିଷଦର ଆବାହକ ଅଭିମନ୍ୟୁ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅତିଥି ଭାବେ ବୈଜ୍ଞାନିକ ଡଃ ରବୀନ୍ଦ୍ର ନାରାୟଣ ବେହେରା, ଶିକ୍ଷାବିତ ବହ୍ମାନନ୍ଦ ଦାଶ, କୃଷ୍ଣଚନ୍ଦ୍ର ଜେନା, ଅଧ୍ୟାପକ ଡଃ ତୁହିନାଂଶୁ ରଥ, ସତ୍ୟବ୍ରତ ପୁହାଣ, ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିଏସନର ସଭାପତି ଆଇନଜୀବୀ ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଚନ୍ଦ୍ର ଦାସ, ଆଇନଜୀବୀ ଉଦୟନାଥ ସାହୁ, ଶ୍ରୀକାନ୍ତ ବଳ, କୈଳାସ ସାମଲ, ବାବା ପ୍ରଭାତ କୁମାର ଦାସ, କୈଳାସ ଚନ୍ଦ୍ର ସାହୁ, ସରପଞ୍ଚ ଫକୀର ନାରାୟଣ ମିଶ୍ର, ପ୍ରାକ୍ତନ ସରପଞ୍ଚ ସଞ୍ଜୀବ ଜେନା, ତୋଫାନ ଖଣ୍ଡାଇ, ବୈକୁଣ୍ଠନାଥ ସାମନ୍ତରାୟ, ସୁଜିତ ମିଶ୍ର, ଦେବଦତ୍ତ ମହାପାତ୍ର, ଚିନ୍ମୟ ପ୍ରତାପ, ଅଜିତ କୁମାର ରାଉତ, ସୁପ୍ରିୟା ସାହୁ, ଦୀପ୍‌ସା ମିଶ୍ର, ଲିପ୍ସା ମିଶ୍ର, ଶିକ୍ଷୟିତ୍ରୀ ରାଜଶ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତା ଯଶୋଦା ମିଶ୍ରଙ୍କ ଫଟୋଚିତ୍ରରେ ପୁଷ୍ପଗୁଚ୍ଛ ଅର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସ୍ୱର୍ଗତା ମିଶ୍ର ଜଣେ ବହୁମୁଖୀ ପ୍ରତିଭା ସମ୍ପନ୍ନ ମହିଳା ଥିଲେ। ସେ ଗ୍ରାମାଞ୍ଚଳ ସେବାରେ ନିଜକୁ ନିୟୋଜିତ କରିଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବଡ଼ଚଣାର ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ପକ୍ଷରୁ ଗାୟକ ଜଗବନ୍ଧୁ ରାଉତରାୟ ଓ ସାଥି ଭଜନ ପରିବେଷଣ କରିଥିଲେ। ଯଶୋଦା ମିଶ୍ରଙ୍କ ପୁତ୍ର ଆଇନଜୀବୀ କୈଳାସ ଚନ୍ଦ୍ର ମିଶ୍ର କୃତଜ୍ଞତା ଜ୍ଞାପନ କରିଥିଲେ।

## ବୈତରଣୀ ବିଦ୍ୟାଳୟରେ ଅଭିଭାବକ ଶିକ୍ଷକଙ୍କ ବୈଠକ



**କୋରେଇ, ୨୨।୧୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ବୈତରଣୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅବଦୁଲ ମୁସ୍ତାକିମ ଖାଁଙ୍କ ସଭାପତିତ୍ୱରେ ଆଜି ଶିକ୍ଷକ ଅଭିଭାବକଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବରୁଣ୍ଡେଇ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ କୃଷ୍ଣଚନ୍ଦ୍ର ସ୍ୱାଇଁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରମୋଦ କୁମାର ପାତ୍ର, ମୋ ସ୍କୁଲ ଅଧ୍ୟକ୍ଷ ଅକ୍ଷୟ ପରିଡ଼ା ଯୋଗ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପୁରସ୍କାର ଯୋଜନା ବିଷୟରେ ବରିଷ୍ଠ ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ଅଭିଭାବକଙ୍କୁ ଆଲୋକପାତ କରିଥିଲେ। ପରେ ସମେଟିଭ ୱାନ ପରୀକ୍ଷା ଫଳ ବିଷୟରେ ଅଭିଭାବକଙ୍କୁ ଅବଗତ କରାଇଥିଲେ। ପରିଚାଳନା କମିଟି ସଭାପତି ଛାତ୍ରଛାତ୍ରୀଙ୍କ ପାଇଁ ଏକକ ପରୀକ୍ଷା କରିବା ପାଇଁ ପ୍ରସ୍ତାବ ଦେଇଥିଲେ ଓ ଆଗାମୀ ବର୍ଷ କିପରି ବିଦ୍ୟାଳୟରୁ ଏ-ୱାନ ଗ୍ରେଡ଼ ଅଧିକ ପିଲା ପାଇବେ, ସେଥିପାଇଁ ଉଭୟ ଶିକ୍ଷକ ଓ ଅଭିଭାବକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସମସ୍ତ ଅଭିଭାବକ ବିଦ୍ୟାଳୟ କିପରି ଉନ୍ନତି କରିବ, ସେଥିପାଇଁ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଆଜିର କାର୍ଯ୍ୟକ୍ରମରେ ଶିକ୍ଷକ ସ୍ମରଣିକା ବାରିକ, ଲୋପାମୁଦ୍ରା ନାୟକ, ନିରଞ୍ଜନ ବାହାଲିଆ, ରଙ୍ଗାଧର କାଣ୍ଡି, ମନୋରଞ୍ଜନ ଘୋଡ଼ା, ଧର୍ମାନନ୍ଦ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ଅପର୍ଣ୍ଣା ଦତ୍ତ, ଦୀପ୍ତି ଯେନା, ଚମ୍ପାବତୀ ନାୟକ, ଦେବବ୍ରତ ସ୍ୱାଇଁଙ୍କ ସମେତ ସହକାରୀ କାର୍ଯ୍ୟାଳୟ ପ୍ରମୁଖ ନିଳାଦ୍ରୀ ଭୂଷଣ ନାୟକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପୁଷ୍ପରଞ୍ଜନ ସାହୁ, ଅନୁରାଗ ପତି, ଦେବାଶିଷ ବେହେରା, କାର୍ତ୍ତିକ ଚନ୍ଦ୍ର ଦାସ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ।

## ଅମରାବତୀ ମହୋତ୍ସବ ପ୍ରସ୍ତୁତି ବୈଠକ

**ଛତିଆ, ୨୨।୧୧(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆଠାରେ ଅବସ୍ଥିତ ମାଳିକା ପ୍ରସିଦ୍ଧ ଐତିହାସିକ ଅମରାବତୀ କଟକରେ ପ୍ରଥମ କରି ଅମରାବତୀ ମହୋତ୍ସବ ଆୟୋଜିତ ହେବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଜାନୁଆରୀ ୧୫ରୁ ଆରମ୍ଭ ହୋଇ ୧୯ ତାରିଖରେ ଶେଷ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଅମରାବତୀ ମହୋତ୍ସବ କମିଟି ପକ୍ଷରୁ ସୂଚନା ଦିଆଯାଇଛି। କାର୍ଯ୍ୟକାରିଣୀ କମିଟି ଉପସଭାପତି ସନ୍ତୋଷ ମହାନ୍ତି ସଭପତିତ୍ୱରେ ଅନୁଷ୍ଠିତ ବୈଠକରେ ଉକ୍ତ ମହୋତ୍ସବକୁ କିଭଳି ଅଧିକ ଆକର୍ଷଣୀୟ କରାଯାଇପାରିବ ସେ ସମ୍ପର୍କରେ ଆଲୋଚନା ହେବା ସହ ପରାମର୍ଶ କମିଟି ଓ କାର୍ଯ୍ୟକାରୀ ଭଳି ଦୁଇଟି କମିଟି ଗଠନ କରାଯାଇଛି। ପରାମର୍ଶ କମିଟିର ପରାମର୍ଶ ନେଇ ଆଗାମୀ କାର୍ଯ୍ୟକ୍ରମ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। କାର୍ଯ୍ୟକାରୀ କମିଟିର ସଭାପତି ଭାବେ ପ୍ରତାପ ସାହୁ, ସମ୍ପାଦକ ରୂପେ ବାସୁଦେବ ସ୍ୱାଇଁ ଓ କୋଷାଧକ୍ଷ ଭାବେ ଅମରେଶ ନନ୍ଦଙ୍କୁ ଚୟନ କରାଯାଇଛି। ଉକ୍ତ ବୈଠକରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର ସଭ୍ୟ, ସ୍ଥାନୀୟ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ, ରାଜନେତା ଓ ଯୁବକ ଯୋଗଦେଇ ଅମରାବତୀ ମହୋତ୍ସବ ସମ୍ପର୍କରେ ନିଜର ମତ ରଖିଥିଲେ।

## ସତ୍‌ସଙ୍ଗ ବିହାରରେ ଶ୍ରୀଶ୍ରୀ ବଡ଼ଦାଙ୍କ ଜନ୍ମ ଦିବସ



**ବିଞ୍ଝାରପୁର, ୨୨।୧୧(ସମିସ):** ସତସଙ୍ଗ ବିହାର ବିଞ୍ଝାରପୁର ପରିସରରେ ପରମ ପୂଜ୍ୟପାଦ ଶ୍ରୀଶ୍ରୀ ବଡଦାଙ୍କ ୧୧୩ତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ପ୍ରାତଃ କାଳରେ ବେଦ, ନହବତ, ଉଷା କୀର୍ତ୍ତନ, ପ୍ରାତଃକାଳୀନ ବିନତୀ ପ୍ରାର୍ଥନା, ସଦଗ୍ରନ୍ଥାଦି ପାଠ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ସାନ୍ଧ୍ୟ ବିନତୀ, ସଦଗ୍ରନ୍ଥାଦି ପାଠ, ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହେବା ପରେ ସନ୍ଧ୍ୟା ୬.୪୫ ମିନିଟ ସମୟରେ ସତସଙ୍ଗ ନାମସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ସତସଙ୍ଗ ବିହାରର ସଭାପତି ଡ. ବିଜୟ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସତସଙ୍ଗରେ ଅଭିମନ୍ୟୁ ସାମଲ ସତ୍ୟାନୁସରଣ ଓ ବଳରାମ ସାହୁ ନାରୀର ନୀତି ଗ୍ରନ୍ଥ ପାଠ କରିଥିଲେ। ସହପ୍ରତି ଋତ୍ୱିକ ରତନଲାଲ ଭୂୟାଁ, ଅଜୟ କୁମାର ନାୟକ, ସ୍ୱାଧୀନ କୁମାର ଦାସ, ଶୁଭଙ୍କର ସାହୁ ପ୍ରମୁଖ ଭଜନ ପରିବେଷଣ କରିଥିଲେ। ସହପ୍ରତିଋତ୍ୱିକ ରାଜେନ୍ଦ୍ର ପରିଡ଼ା, ଡା. ଧନେଶ୍ୱର ସାହୁ ଓ ଡ. ବିଜୟ କୁମାର ନାୟକ ଶ୍ରୀଶ୍ରୀ ଠାକୁରଙ୍କ ପ୍ରତିଷ୍ଠାରେ ଶ୍ରୀଶ୍ରୀ ବଡଦାଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସତସଙ୍ଗ ବିହାରର କର୍ମୀ ଓ ଗୁରୁଭ୍ରାତା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଂଗ୍ରେସ ଭବନ କର୍ମଚାରୀଙ୍କ ବିୟୋଗରେ ଶୋକ

**ଯାଜପୁର, ୨୨।୧୧(ସମିସ):** ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟର କର୍ମଚାରୀ ରାଧାମୋହନ ସ୍ୱାଇଁଙ୍କ ଅକାଳ ବିୟୋଗରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଶୋକ ବ୍ୟକ୍ତ କରାଯାଇଛି। ଗତକାଲି ବିଳମ୍ବିତ ରାତିରେ ହୃଦ୍‌ଘାତରେ ତାଙ୍କର ବିୟୋଗ ହୋଇଥିଲା। ସ୍ୱର୍ଗତ ସ୍ୱାଇଁ ବହୁବର୍ଷ ଧରି ପ୍ରଦେଶ କମିଟି କାର୍ଯ୍ୟାଳୟରେ ନିଷ୍ଠାର ସହ କାର୍ଯ୍ୟ କରି ସମସ୍ତଙ୍କ ପ୍ରିୟଭାଜନ ହୋଇଥିଲେ। ତାଙ୍କ ବିୟୋଗ କଂଗ୍ରେସ କର୍ମୀ ଓ ନେତାଙ୍କ ମନରେ ଗଭୀର ଦୁଃଖ ଆଣି ଦେଇଛି। ତାଙ୍କ ବିୟୋଗରେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ବିଷ୍ଣୁ ରାଉତ, ସନ୍ତୋଷ ନନ୍ଦ, ଦିଗମ୍ବର କର, ଅଞ୍ଜଳ ଦାସ, ନାରାୟଣ ସାମନ୍ତ, ବଳଭଦ୍ର ଦାସ, ଦୁର୍ଯୋଧନ ବେହେରା, ଗଦାଧର ଦାସ, ଭାସ୍କର ମହାନ୍ତି, ସନ୍ତୋଷ ବେହେରା, ପ୍ରତୀମା କର, ଆଲୋକ ବେହେରା, ସୁଦୀପ କର, ବିଳାସ ରାଉତରାୟ, କନକଲତା ରାଉତ, ବିଭୂତି ମହାପାତ୍ର, ସଂଗ୍ରାମ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ହୃଷିକେଶ ପତି, ପ୍ରଶାନ୍ତ ସାହୁ, ରଘୁନାଥ ସାହୁ, ଅନୀଲ ମହାନ୍ତି, ବିଦ୍ୟାଧର ବାରିକ, ଅବଦୁଲ, ବିଜୟ ମହାପାତ୍ର ପ୍ରମୁଖଙ୍କ ସହ

# ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ଯାଜପୁର, ୨୨।୧୧ (ସମିସ):**



ଯାଜପୁର ବିରଜା ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଉଚ୍ଚଶିକ୍ଷା ବିଭାଗ ଆନୁକୂଲ୍ୟରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ସୁକାନ୍ତୀଲତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି କର୍ଣ୍ଣାଟ କେଶରୀ ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉକ୍ତ ସଭାକୁ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ଛାତ୍ରୀ ଆର୍ଯ୍ୟା, ତପସ୍ୱିନୀ, ତୃପ୍ତିମୟୀ, କାଜୁନୀ ସମବେତ ସଙ୍ଗୀତ ଗାନ କରିଥିଲେ। ପରେ ଆର୍ଯ୍ୟାନନ୍ଦିନୀ ସାମଲ ଓ ଅର୍ପିତା ପ୍ରିୟଦର୍ଶିନୀ ମିଶ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ନୋଡାଲ ଅଫିସର ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ଉକ୍ତ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କ୍ରୀଡା, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୩୧ ତରରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସୂଚନା ଦେଇଥିଲେ।

ମୁଖ୍ୟଅତିଥି କର୍ଣ୍ଣାଟ କେଶରୀ ଦାସ ଆଇୱାଇଡିପି କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଙ୍କୁ ସକ୍ରିୟ ଭାଗ ନେବା ଓ ଏହାର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଆଡଭୋକେଟ୍ ହେମାଙ୍ଗିନୀ ମହାନ୍ତି କହିଲେ, ନାରୀ ସଶକ୍ତିକରଣ, ଯୌତୁକ ପ୍ରଥା ବିରୋଧରେ ନ୍ୟାୟିକ, ସାମାଜିକ ଓ ନୈତିକ ଦୃଷ୍ଟିକୋଣରୁ ଏହାର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। କ୍ରୀଡା ପ୍ରତିଯୋଗିତାର ନୋଡାଲ ଅଫିସର ଡଃ ମଧୁଲିତା ମହାନ୍ତି, ସାଂସ୍କୃତିକ ପ୍ରତିଯୋଗିତାର ଅନୀତା ମହାପାତ୍ର, ସାମାଜିକ କାର୍ଯ୍ୟକଳାପର ସୁଶ୍ରୀ ଦାସ ଛାତ୍ରୀଙ୍କୁ ଏହାର ଲକ୍ଷ୍ୟ, ଆବଶ୍ୟକତା, ଉପକାରିତା ବିଷୟରେ ଆଲୋଚନା କରିଥିଲେ। ଯୌତୁକ ପ୍ରଥା ବିରୋଧରେ ଏକ ସଚେତନତା ରାଲି ମହିଳା ମହାବିଦ୍ୟାଳୟ ପରିସରରୁ ବାହାରି ସହର ପରିକ୍ରମା କରିଥିଲା। କ୍ରୀଡ଼ା ବିଭାଗର କ୍ୟାରମ୍ ଓ ଚେସ୍ ଖେଳ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ସକାଳ ୯ ଘଟିକାଠାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅଧ୍ୟାପକ ତରଣୀସେନ୍ ଜେନା, ବିଶ୍ୱଜିତ୍ ନାୟର, ପର୍ଶୁରାମ ନାୟକ, ତ୍ରିଲୋଚନ ପଣ୍ଡା, କ୍ରୀଡ଼ା ଶିକ୍ଷକ ପ୍ରକାଶ କୁମାର ଲାଲା, ଚାନ୍ଦିନୀ ପଟ୍ଟନାୟକ, ଛନ୍ଦା ରାୟ, ଐଶ୍ୱର୍ଯ୍ୟା ରାଉତ, ଅର୍ମ୍ପିକା କର, ମିଲି ମହାପାତ୍ର, ମମତା ରାଣୀ ପଣ୍ଡା, ମଧୁସୁଦନ ବେହେରା, ରାଜେନ୍ଦ୍ର ପରିଡ଼ା, ମାନଗୋବିନ୍ଦ ଦାସ, ଶ୍ରୀକାନ୍ତ ସାହୁ ପରିଚାଳନା କରିଥିଲେ।

## ସମୟଚକ୍ରରେ ହଜି ଯାଉଛି ହାଟ ପରମ୍ପରା

# ଅସ୍ତିତ୍ୱ ହରାଇବାକୁ ବସିଛି ନନ୍ଦିପଦା ହାଟ

ଆଗରପଡ଼ା, ୨୨।୧୧(ସମିସ)

ଭଦ୍ରକ ଜିଲ୍ଲାର ଶେଷ ଏବଂ କେନ୍ଦୁଝର ଜିଲ୍ଲାର ଆରମ୍ଭ ତଥା ଦୁଇ ଜିଲ୍ଲା ସଂଗମ ସ୍ଥଳରେ ଅବସ୍ଥିତ ଥିବା ନନ୍ଦିପଦା (ବସନ୍ତିଆ) ହାଟ ସମୟଚକ୍ରରେ ଆଜି ତାର ଅସ୍ତିତ୍ୱ ହରାଇବାକୁ ବସିଛି। ଦିନେ ଗାଁ ଗହଳିର ଗରିବ ଓ ସାଧାରଣଲୋକଙ୍କ ପାଇଁ ସର୍ବପ୍ରାଚୀନ ପଣ୍ୟ ବିନିମୟର କେନ୍ଦ୍ରବିନ୍ଦୁ ପାଲଟିଥିଲା। ହେଲେ ତାହାର ରକ୍ଷଣାବେକ୍ଷଣ ଅଭାବରୁ ଆଜି ଲୋପପାଇବାକୁ ବସିଲାଣି। ବସନ୍ତିଆ ଗ୍ରାମର ଶେଷ ସୀମାରେ ୧୯୬୬ ମସିହାରେ ସେହି ଗ୍ରାମର ସମାଜସେବୀ ସ୍ୱର୍ଗତଃ କପିଳ ପାଣିଗ୍ରାହୀଙ୍କ ଉଦ୍ୟମରେ ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ସ୍ଥାପିତ ହୋଇଥିଲା ନନ୍ଦିପଦା ହାଟ। ଯାହା ସମୟକ୍ରମେ ବସନ୍ତିଆ ହାଟ ନାମରେ ପରିଚିତ ହୋଇଛି। ଏହି ହାଟ ସମୟ, ସଭ୍ୟତା ଆଉ ବ୍ୟବସାୟିକ ଉତ୍ଥାନ ପତନ ଅଭିଜ୍ଞତାକୁ ଅଙ୍ଗେ ନିଭାଇ ଏବେ ମଧ୍ୟ ସେହି ଚିରାଚରିତ ହାଟ ରୂପରେ ନିଜର ସ୍ଥିତି ଜାହିର ରଖିଛି। ବସନ୍ତିଆ ପଞ୍ଚାୟତର ତତ୍କାଳୀନ ଭଦ୍ରକ-ଆନନ୍ଦପୁର ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱସ୍ଥିତ ୪ ଏକର ୪୨ ଡେସିମାଲ ଜମି ଉପରେ ଏହି ହାଟର ଅବସ୍ଥିତି। ଏହା ୫୩ ନଂ ଚାନ୍ଦବାଲି-ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱରେ ଅବସ୍ଥିତ। ଏହାର ଅନତି ଦୂରରେ ଏକ ସୁବିସ୍ତୃତ ପୁଷ୍କରିଣୀ ମଧ୍ୟ ରହିଛି। ଆରମ୍ଭରୁ ପ୍ରାୟ ତିନୋଟି ଜିଲ୍ଲା ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜର ବିଭିନ୍ନ ଗ୍ରାମର ଲୋକେ ଏହା ଉପରେ ନିର୍ଭର କରୁଥିଲେ। ବର୍ତ୍ତମାନ ପ୍ରତି ଗ୍ରାମରେ ବ୍ୟବସାୟିକ କେନ୍ଦ୍ର ସ୍ଥାପିତ ହେବାରୁ ତାହା ସୀମିତ ହୋଇଯାଇଛି। ଏହାର ଗୋଟିଏ ପାର୍ଶ୍ୱ ସିଲନ୍ଦି, ଅଡାଳପଙ୍କ, ଆଡ଼ିଆ ଦେଇ ଆଗରପଡ଼ା, ଆଉଏକ ପାର୍ଶ୍ୱ ବନ୍ତ, ଟିଲୋ, ତାଳପଦା, ପଳସା ଦେଇ ଗଣିଜାଙ୍ଗ, ଅନ୍ୟ ଏକ ପାଖ କେନ୍ଦୁଝର ଜିଲାର ଓରାଳି, ଡଅଁର, ଶାଳଣିଆଁ ସହିତ ସଂଯୁକ୍ତ ହୋଇଥିବା ବେଳେ ମୁଖ୍ୟ ରାସ୍ତାର ମରେଈଗାଁ, ହାଟଡ଼ିହୀ ଓ ଛେନାପଦୀ ଦେଇ ଆନନ୍ଦପୁର ପର୍ଯ୍ୟନ୍ତ ସଂଯୁକ୍ତ। ଓରାଳି ପଞ୍ଚାୟତର ନନ୍ଦିପଦା ଗ୍ରାମ ଅଧୀନସ୍ଥ ଏହି ହାଟଟିର ଭୌଗଳିକ ସ୍ଥିତି ବସନ୍ତିଆ ବଜାର ମଧ୍ୟରେ ଅବସ୍ଥିତ। ତେଣୁ ଓରାଳି ପଞ୍ଚାୟତରୁ ଜଣକୁ ନିଲାମ ମାଧ୍ୟମରେ ହାଟଦାଣ୍ଡିଆ ଭାବେ ଚୟନ କରିବାର ପରମ୍ପରା ରହିଛି। ସେତେବେଳେ ମାତ୍ର ୨୦ ଟଙ୍କାରେ ଏକ ବର୍ଷ ପାଇଁ ହାଟ ନିଲାମ ହେଉଥିଲା। ବର୍ତ୍ତମାନ ଏହା ୨୨ ହଜାର ଟଙ୍କା ମୂଲ୍ୟରେ ହେଉଥିବା ଜଣାଯାଇଛି। ମୁକ୍ତାକାଶ ତଳେ ପ୍ରଥମେ ଆରମ୍ଭ ହୋଇଥିବା ଏହି ହାଟରେ ସମୟ କ୍ରମେ ବରଡା ଛପର ଚାଳିଗୁଡ଼ିଏ ତିଆରି ହୋଇ ସେଥିରେ ବେପାରୀମାନେ ବସୁଛନ୍ତି। ବର୍ତ୍ତମାନ ଏହାର ସୌନ୍ଦର୍ଯ୍ୟକରଣ ସହ ବ୍ୟବସାୟୀଙ୍କର ଜୀବନ ଆଉ ଜୀବିକା ଆଖି ଆଗରେ ରଖି ଏହାକୁ ନୂତନ ଢ଼ଙ୍ଗରେ ନିର୍ମାଣ କରି ପୁନଃଜୀବିତ କରିବାର ବହୁ ଆବଶ୍ୟକତା ରହିଛି। ଯେଉଁ କେତେକ ଅସ୍ଥାୟୀ ପଲ୍ଲୀ ରହିଛି ତାହା ବର୍ଷା ଓ ଝଡ଼ବାତ୍ୟାରେ ସମ୍ପୂର୍ଣ୍ଣ ଭାଙ୍ଗି ନଷ୍ଟ ହେବାକୁ ବସିଛି। ଫଳରେ ଏହା ଉକ୍ତ ଅଞ୍ଚଳପାଇଁ ବ୍ୟବସାୟର ଏକ ମହାନ ପେଣ୍ଠସ୍ଥଳୀ ଥିବା ବେଳେ ଲୋପ ପାଇବାକୁ ବସିଛି। ଏହାକୁ ନୂତନଭାବେ ନିର୍ମାଣ କରାଯାଇ ପାରିଲେ ଏହାର ପୂର୍ବ ଅବସ୍ଥା ଫେରିବା ସହ ଏହି ହାଟ ଉପରେ ନିର୍ଭର କରୁଥିବା ବ୍ୟବସାୟୀ ଓ ଗ୍ରାହକମାନେ ନିଜର ଜୀବନ ଆଉ ଜୀବିକାକୁ ଭଲଭାବରେ ନିର୍ବାହ କରି ପାରନ୍ତେ ଏବଂ ସମୟଚକ୍ରରେ ହଜିବାକୁ ବସିଥିବା ହାଟ ପରମ୍ପରା ଉଜ୍ଜୀବିତ୍ ହୋଇପାରନ୍ତା ବୋଲି ବୁଦ୍ଧିଜୀବୀମାନେ ମତ ପ୍ରକାଶ କରିଛନ୍ତି।



## ସ୍କୁଲ ବସ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ଧୂଷୁରୀ/ଅସୁରାଳି, ୨୨।୧୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଅସୁରାଳି ଏକ ଶିକ୍ଷାନୁଷ୍ଠାନର ଏକ ବସ୍ ବୁଧବାର ସକାଳେ ସ୍କୁଲକୁ ପିଲା ନେଇ ଯାଉଥିବା ବେଳେ ଧୂଷୁରୀ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଯୁବକ ଗୁରୁତର ଆହତ ହୋଇଥିବା ବେଳେ ବସ୍‌ରେ ଥିବା ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି। ଆହତ ଯୁବକକୁ ଏବେ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ଘଟାଇ ବସ୍ ଚାଳକ ଫେରାର ହୋଇଯାଇଛନ୍ତି।



ଚାଳକଙ୍କ ବେପରୁଆ ଗାଡି ଚାଳନା ଏବଂ ଶିକ୍ଷାନୁଷ୍ଠାନର ବ୍ୟବହାର କରାଯାଉଥିବା ବସ୍‌ଗୁଡ଼ିକର କାଗଜ ପତ୍ର ବୈଧତାକୁ ନେଇ ଦୁର୍ଘଟଣାସ୍ଥଳରେ ପ୍ରାୟ ୨ଘଣ୍ଟାରୁ ଅଧିକ ସମୟ ଉତ୍ତେଜନା ଲାଗି ରହିଥିଲା। ତୁରନ୍ତ ଧୂଷୁରୀ ଥାନା ପୁଲିସ ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍‌କୁ ଜବତ କରିବା ପରେ ଲାଗି ରହିଥିବା ଉତ୍ତେଜନା ଶାନ୍ତ ପଡ଼ିଥିଲା। ଘଟଣାରୁ ପ୍ରକାଶ ସକାଳ ପ୍ରାୟ ୮ ଟା ବେଳେ ଛାତ୍ରଛାତ୍ରୀଙ୍କୁ ନେଇ ଉକ୍ତ ଶିକ୍ଷାନୁଷ୍ଠାନର ବସ୍ ଦୃତଗତିରେ ଅସୁରାଳି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆରଡ଼ି ଅଭିମୁଖେ ଯାଉଥିବା ଏକ ବସକୁ ସାଇଡ ଦେଇ ନପାରି ଏବଂ ଭାରସାମ୍ୟ ହରାଇ ରାସ୍ତା କଡରେ ରହିଥିବା ଏକ ଭାରୀଯାନର ସହ ବାଇକ୍ ଚାଳକଙ୍କୁ ଯୋରରେ ଧକ୍କା ଦେଇଥିଲା। ଯାହା ଫଳରେ ଟ୍ରାକ୍ଟର ପଛକୁ ଲାଗି ରହିଥିବା ମାଟି ଖୋଳିବା ପାଇଁ ଏକ ବିରାଟ ବୋରିଂ ଯନ୍ତ୍ର ବସ ଆଗ କାଚ ଭାଙ୍ଗି ଭିତରକୁ ପଶିଯାଇଥିଲା। ବସ୍ ଭିତରେ ଥିବା ଛାତ୍ରଛାତ୍ରୀମାନେ ଅଳ୍ପକେ ରକ୍ଷା ପାଇଥିବା ବେଳେ ଆଗରେ ଯାଉ ଥିବା ବାଇକ ଆରୋହୀ ବସ୍ ଧକ୍କାରେ ଚାପିହୋଇ ଗୁରୁତର ଆହତ ହୋଇଛନ୍ତି। ପ୍ରକାଶ ଥାଉକି ଗୁରୁତର ଆହତ ହୋଇଥିବା ବାଇକ୍ ଆରୋହୀ ହସନାବାଦ ପଞ୍ଚାୟତ ଅସ୍ତକ ଗ୍ରାମର ପୀତାମ୍ବର ବେହେରା ବୋଲି ଜଣାପଡ଼ିଛି। ପୁଲିସ ବସ୍‌କୁ ଜବତ କରି ଥାନାକୁ ନେଇଛି।

● ଜଗନ୍ନାଥ ମହୋତ୍ସବର ବଳିଦାନ ଦିବସ

## ଦୃଷ୍ଟିହୀନ ପରିଷଦ ପକ୍ଷରୁ 'ଏକ ଭାବ ରସାତ୍ମକ ଭଜନ ସନ୍ଧ୍ୟା'

**ଅସୁରାଳି, ୨୨।୧୧(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମ ପଞ୍ଚାୟତ ଗୋବିନ୍ଦପୁର ଠାରେ ସର୍ବ ପୁରାତନ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀ ଜଗନ୍ନାଥ ସପ୍ତା ପୂଜା କମିଟି ଆନୁକୂଲ୍ୟରେ ୧୨୮ତମ ପୂଜାଉତ୍ସବ ମହାସମାରୋହରେ ଆୟୋଜିତ ହୋଇଛି। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ସୁସଜ୍ଜିତ ପ୍ରତିମା ପୂଜା ମଣ୍ଡପରେ ସ୍ଥାପିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ଆକର୍ଷିତ କରୁଛନ୍ତି। ପୂଜାର ପ୍ରଥମ ଦିବସରେ ଦିବସ ବ୍ୟାପୀ ବିଧି ବିଧାନ ଅନୁଷ୍ଠିତ ହେଉଥିବା ବେଳେ ଶହ ଶହ ଶ୍ରଦ୍ଧାଳୁ ପ୍ରସାଦ ସେବନ କରିଥିଲେ। ସନ୍ଧ୍ୟା ଆଳତି ପରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଉପସ୍ଥିତିରେ ଜଗନ୍ନାଥ ସଂସ୍କୃତି ଓ ଆଧ୍ୟାତ୍ମିକ ଆଲୋଚନା ସହିତ ଆଞ୍ଚଳିକ ସଙ୍ଗୀତ କଳାକାରମାନଙ୍କୁ ନେଇ ଭାବ ଗମ୍ଭୀର ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଅଛି। ସେହିପରି ଦ୍ୱିତୀୟ ଦିବସ ଅବସରରେ ମା' ବୁଢୀ ଜାଗୁଳାଇ ଖଞ୍ଜଣି ଭଜନ ପରିଷଦ, କୋରୁଆ ସଦସ୍ୟ ଗଣଙ୍କ ଦ୍ୱାରା ଶ୍ରୁତି ମଧୁର ଭଜନ ସନ୍ଧ୍ୟା ଶହ ଶହ ଶ୍ରଦ୍ଧାଳୁଙ୍କ ମନରେ ଭକ୍ତିଭାବର ଉଦ୍ଦୀପନା ସୃଷ୍ଟି କରିଥିଲା। ପୁନଶ୍ଚ ତୃତୀୟ ଦିବସ ଅନ୍ତରେ ଓଁକାର ଭଜନ ସନ୍ଧ୍ୟା, ଦୃଷ୍ଟିହୀନ ପରିଷଦ ପକ୍ଷରୁ ଏକ ଭାବାତ୍ମକ ଏବଂ ରସପୂର୍ଣ୍ଣ ଭଜନ ସନ୍ଧ୍ୟା ସୃଷ୍ଟି ହୋଇଥିଲା। ଆଳତି ସମୟରେ ଶହ ଶହ ଶ୍ରଦ୍ଧାଳୁ ଗଣ ଆସି ଚାରି ଠାକୁରଙ୍କ ଦର୍ଶନ କରିବା ସହିତ ଆଳତିର ପାବନ ଅଗ୍ନିରେ ନିଜକୁ ପବିତ୍ର ଧାରାରେ ଆଚ୍ଛାଦିତ କରିଥିଲେ। ସମଗ୍ର ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ପଣ୍ଡିତ ଶୁଶାନ୍ତ ପଣ୍ଡା ଭାଗବତ ପାରାୟଣ ସହିତ ସମସ୍ତ ପୂଜାବିଧି ପରିଚାଳନା କରିଥିଲେ। ମଉଡମଣି ପତି, ପାର୍ବତୀ ପତି, ବାସନ୍ତୀ ଦାସ, ନିତ୍ୟାନନ୍ଦ ପତି ପୂଜା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫକୀର ମୋହନ ଜେନା, ସାମ୍ବାଦିକ ସନ୍ତୋଷ ଦାସ, ନାରାୟଣ ପତି, ଭାଗୀରଥୀ ଦାସ, ଶ୍ୟାମ ସୁନ୍ଦର ସେଠୀ, ଅବିନାଶ ପତି, ସମିତି ସଭ୍ୟ ପ୍ରତିନିଧି ରାକେଶ ପତି, ଗଣେଶ ନାୟକ, ବାବାଜୀ ନାୟକ, ମାଧବାନନ୍ଦ ସେଠୀ, ନିରାକାର ଜେନା, ଚନ୍ଦ୍ରମଣି ଜେନା ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ୭ ଦିନ ଧରି ଚାଲିବ।



ଟ୍ରକ୍ ଧକ୍କାରେ ପଥଚାରୀଙ୍କ ମୃତ୍ୟୁ

## ରାସ୍ତା ଉପରେ ଶବ ରଖି କ୍ଷତିପୂରଣ ଦାବି

**ବାସୁଦେବପୁର,୨୨।୧୧(ସମିସ):** ଆଇରନ ବୋଝେଇ ଟ୍ରକ୍ ଧକ୍କାରେ ଆଜି ଜଣେ ପଥଚାରୀରଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ସ୍ଥାନୀୟ ପୌରପାଳିକାର ପାରା ଗ୍ରାମର ମାଧବାନନ୍ଦ ଦାସ (୫୫)। ସେ ଛିଡା ହୋଇ ବନ୍ଧୁଙ୍କ ସହ କଥା ହେଉଥିବା ସମୟରେ ଭିଡ ମଧ୍ୟରେ ଏକ ଟ୍ରକ୍ ଲୌହ ଦାନବ ପରି ତାଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ଅକାଳ ବିୟୋଗରେ ପରିବାର ଓ ସମ୍ପର୍କୀୟମାନେ ଭାଙ୍ଗିପଡ଼ି ଥିଲେ। ପରିବାର ଓ ସମ୍ପର୍କୀୟମାନେ ମାଧବାନନ୍ଦଙ୍କୁ ହରାଇ ରାସ୍ତା ଉପରେ ବାହୁନି କାନ୍ଦୁଥିବା ସହ ତାଙ୍କ ମୃତ୍ୟୁରେ ଦୋଷୀକୁ ଉଚିତ ଦଣ୍ଡ ମିଳିବା ଓ କ୍ଷତି ପୂରଣ ଦାବିରେ ପ୍ରତିବାଦ କରଥିଲେ। ଉତ୍ତେକ୍ତ ଜନତା ଧାମରାବନ୍ଦର ଓ ପ୍ରଶାସନର ମନମାନୀ ବିରୁଦ୍ଧରେ ନାରା ଦେଇ ରାସ୍ତା ଉପରେ ଟାୟାର ଜାଳି ପ୍ରତିବାଦ କରିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପୁଲିସ ପ୍ରଶାସନ ଧାରଣାରତ ଲୋକଙ୍କୁ ବୁଝାଇବାକୁ ଯାଇ ବେଶ ହଟହଟା ହୋଇଥିବା ମଧ୍ୟ ଦେଖିବାକୁ ମିଳିଛି। କିଛି ସମୟ ଧରି ପ୍ରତିବାଦକାରୀ ଓ ସମର୍ଥନ କାରୀଙ୍କ ମଧ୍ୟରେ ମୁହାଁମୁହିଁ ଚିତ୍ର ଦେଖିବାକୁ ମିଳିଥିଲା। ଦୀର୍ଘ ସମୟ ଧରି ଧାରଣା ଜାରି ରହିବା ପରେ ସ୍ଥାନୀୟ ତହସିଲଦାର ସୌଭାଗ୍ୟ ପଣ୍ଡା, ଏସଡିପିଓ ସୌରବ ଓତା ଓ ଥାନାଧିକାରୀଣି ଲୋପାମୁଦ୍ରା ନାୟକଙ୍କ ଉପସ୍ଥିତିରେ ଏସ୍‌ପି ଓ ଜିଲ୍ଲାପାଳଙ୍କ ସହ ଆଲୋଚନା ଜରିଆରେ କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଦିଆଯାଇଛି। ଏଥି ସହିତ ସ୍ଥାନୀୟ ସହର ମଧ୍ୟରେ ସବୁଦିନ ପାଇଁ ଆଇରନ ବୋଝେଇ ଗାଡି ଭଳି ସମସ୍ତ ଭାରୀଯାନ ସକାଳ ୯ ଟାରୁ ଦିନ ୧୧ ଓ ଅପରାହ୍ନ ୪ଟାରୁ ରାତି ୯ ପର୍ଯ୍ୟନ୍ତ ଚଳାଚଳ ବନ୍ଦ ରଖିବାକୁ ପ୍ରତିଶୃତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜନଗହଳିପୂର୍ଣ୍ଣ ସହର ଭିତରେ ହଜାରେ ସଂଖ୍ୟାର ଭାରୀଯାନ ବେଧଡ଼କ ଚଳାଚଳ ଲୋକଙ୍କ ଆଖିରୁ ନିଦ ହଜାଇଛି। କିପରି ଜନଗହଳିପୂର୍ଣ୍ଣ ସହରରେ ବେଧଡ଼କ ଭାବେ ଚଳାଚଳ କରୁଥିବା ସ୍ଥାନୀୟ ସହରରେ କାଳିପୂଜା ଚାଲିଥିବା ବେଳେ ସକାଳ ଠାରୁ ରାତି ପର୍ଯ୍ୟନ୍ତ ଜନ ଗହଳି ଲାଗି ରହୁଛି। ବିଭିନ୍ନ କମିଟି ଓ ଜନ ସାଧାରଣଙ୍କ ଦାବି ପରେ କାହିଁକି ନୋ ଏଣ୍ଟ୍ରି ଲାଗୁ କରାଗଲାନି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଚାପା ଉତ୍ତେଜନା ଦେଖା ଦେଇଥିଲା।



## ଜିଲ୍ଲା କାର୍ଯ୍ୟାଳୟ କର୍ମଚାରୀ ପରିଷଦର କ୍ରିକେଟ ଟୁର୍ଣ୍ଣାମେଣ୍ଟ

**ଭଦ୍ରକ, ୨୨।୧୧(ସମିସ):** ଭଦ୍ରକ କଲେକ୍ଟରେଟ କ୍ରିକେଟ ଲିଗ୍ ମ୍ୟାଚ୍‌ର ସିଜିନ ୨ର ଆରମ୍ଭ କରାଯାଇଛି। ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କର୍ମଚାରୀ ପରିଷଦ ଆନୁକୂଲ୍ୟରେ ଆୟୋଜିତ ୩ଦିନିଆ ଟେନିସ୍ ବଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ବୁଧବାରରୁ ୨୬ତାରିଖ ପର୍ଯ୍ୟନ୍ତ ହେବାର କାର୍ଯ୍ୟକ୍ରମ ରହିଛି। ନାଇଟ୍ କ୍ରିକେଟ ମ୍ୟାଚ୍ ହିସାବରେ ପ୍ରତିଦିନ ସନ୍ଧ୍ୟା ୬ଟା ୩୦ରୁ ଏହା ଆରମ୍ଭ ହେବ। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବାକୁ ଥିବା ଏହି ମ୍ୟାଚ୍ ସବୁକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ୩ଦିନରେ ଲିଗ୍, ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ସହ ସମୁଦାୟ ୯ଟି ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ନିର୍ଦ୍ଧାରଣ କରାଯାଇଛି। ଆଜି ଉଦ୍‌ଘାଟନୀ ମ୍ୟାଚ୍ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୁଲିସ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏବଂ ବରୁଣ ଗୁଣ୍ଡୁପାଲି ଫିତାକାଟି ମ୍ୟାଚ୍‌କୁ ଉଦଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧିନାୟକତ୍ୱରେ ଜିଲ୍ଲା ପ୍ରଶାସନ ଦଳ ଏବଂ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀଙ୍କ ଅଧିନାୟକତ୍ୱକୁ ଜିଲ୍ଲା ପୁଲିସ ଦଳ ଖେଳିଥିଲେ। ଉପ-ଜିଲ୍ଲାପାଳ ମନୋଜ ପାତ୍ର ଜିଲ୍ଲା ପ୍ରଶାସନ ଦଳର ଉପ-ଅଧିନାୟକ ଏବଂ ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ଉପ-ଅଧିନାୟକ ଦାୟିତ୍ୱ ସମ୍ଭାଳି ଥିଲେ। ଡେପୁଟି କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଅମ୍ପାୟର ଦାୟିତ୍ୱ ବହନ କରିଥିଲେ। ସମସ୍ତ ଖେଳ ୮ ଓଭର ବିଶିଷ୍ଟ ଖେଳାଯିବାକୁ ଧାର୍ଯ୍ୟ ହୋଇଛି। ସର୍ଟ ବାଉଣ୍ଡାରୀ ପାଇଁ ଛକା ନଥିବା ଏହି ଟୁର୍ଣ୍ଣାମେଣ୍ଟରେ ପ୍ରଥମ ମ୍ୟାଚ୍‌ରେ ଜିଲ୍ଲା ପୁଲିସ ଦଳ ମ୍ୟାଚ୍‌ର ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲେ। ପ୍ରଥମ ଦିନର ୨ୟ ମ୍ୟାଚ୍‌ରେ ଜିଲ୍ଲା ରେଜିଷ୍ଟ୍ରେସନ ଏକାଦଶ ଓ ଜିଲ୍ଲା କୃଷି ଏକାଦଶ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉତ୍ସାହପ୍ରଦ ଏବଂ ଆକର୍ଷଣୀୟ ଏହି ମ୍ୟାଚ୍ ଦେଖିବା ପାଇଁ ସମସ୍ତ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଏବଂ ଅନ୍ୟ ଦର୍ଶକ ଭରପୁର ଥିଲେ। ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପଦ୍ମନ କୁମାର ରାୟ, ଡେପୁଟି କଲେକ୍ଟର ସାଗରିକା ସାହୁ ଏବଂ ଅନ୍ୟ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଏହି ଖେଳରେ ଉପସ୍ଥିତ ଥିଲେ। ଆଜିର ଏହି ମ୍ୟାଚ୍‌ରେ ଜିଲ୍ଲା ପୁଲିସ ଦଳ ୮ ୱିକେଟ୍‌ରେ ବିଜୟୀ ହୋଇଥିବା ଜଣାଯାଇଛି। ଉକ୍ତ ମ୍ୟାଚ୍‌ରେ ଟାଉନଥାନା ଆଇଆଇସି ବିରେନ୍ଦ୍ର ସେନାପତି ମ୍ୟାନ୍ ଅଫ୍ ଦ ମ୍ୟାଚ୍ ହୋଇଥିଲେ।



## ସରକାରୀ ନଥି ଓ କ୍ୟାସବହି ଏନ୍‌ଏସି ଅଧକ୍ଷାଙ୍କ ଘରକୁ ନେବାକୁ ନେଇ ତୀବ୍ର ପ୍ରତିକ୍ରିୟା

**ଧାମନଗର, ୨୨।୧୧(ସମିସ):** ଧାମନଗର ଏନ୍‌ଏସି ଅଧକ୍ଷା ଓ କାଉନସିଲର ମଧ୍ୟରେ ତିକ୍ତତା ବୃଦ୍ଧି ପାଉଥିବା ବେଳେ ତାଙ୍କ ପ୍ରତି ବିରୋଧାଭାସ ଦିନକୁ ଦିନ ବୃଦ୍ଧି ପାଉଛି। ଅଧକ୍ଷାଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଦୀର୍ଘଦିନ ଧରି ଅସନ୍ତୋଷ ଲାଗି ରହିଥିବା ବେଳେ ଅନେକ ଦିନ ହେବ କାଉନସିଲର ମିଟିଂ ଡକାଯାଉନାହି। ସୂଚନାନୁଯାୟୀ, ୧୧ଜଣ କାଉନସିଲରଙ୍କୁ ନେଇ ଧାମନଗର ଏନ୍‌ଏସି ପରିଷଦ ଗଠିତ ହୋଇଛି। ସେଥିମଧ୍ୟରୁ ୭ଜଣ କାଉନସିଲର ଅଧକ୍ଷା ଓ ତାଙ୍କ ପ୍ରତିନିଧିଙ୍କୁ ଘୋର ବିରୋଧ କରିବା ସଜହିତ ପ୍ରତ୍ୟେକ ଦିନ ଓ ରାତିରେ ମଧ୍ୟ ଗୁପ୍ତ ବୈଠକ ଚାଲିଥିବା ସୂଚନା ମିଳୁଛି। ବୁଧବାର ପୂର୍ବାହ୍ନରେ କାଉନସିଲର ସ୍ୱାଧୀନସମ୍ବିତ ଦାସଙ୍କ ନେତୃତ୍ୱରେ ଉତ୍ତମ କୁମାର ମହାନ୍ତି, ଅନୁସୟା ମଲ୍ଲିକ, ଜାନକୀଲତା ସେଠୀ, ରହିମା ଖାତୁନ, ଉମେତୁଲ ଅନ ପ୍ରମୁଖ ନିର୍ବାହୀ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ଅଧକ୍ଷାଙ୍କୁ ନିଜର ଦାୟିତ୍ୱ ନିର୍ବାହ ପାଇଁ ଏନ୍‌ଏସି କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର କକ୍ଷ ପ୍ରଦାନ କରାଯାଇଥିବା ବେଳେ ତାଙ୍କ ଘରକୁ ସରକାରୀ ନଥିପତ୍ର ଯିବା ଆଦୌ ଆଇନ ସମ୍ମତ ନୁହଁ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଅଧକ୍ଷାଙ୍କ ଘରକୁ ଫାଇଲ୍ ଯିବା ସରକାରଙ୍କ ନିୟମକୁ ଉଲଙ୍ଘନ କରୁଥିବା ବେଳେ ଯେ କୌଣସି ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି କରୁଥିବାରୁ ସେଥିପାଇଁ ନଥିପତ୍ର ଓ କ୍ୟାସ୍‌ବହି ଘରକୁ ନଯିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ଏନଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ୭ଜଣ କାଉନସିଲର ଓ ତାଙ୍କ ପ୍ରତିନିଧିମାନେ ଲିଖିତ ଦାବି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱରଞ୍ଜନ ଘଡ଼େଇ ଓ ମୀର ମୁରତୁଜା ଉପସ୍ଥିତ ଥିଲେ। ଅଭିଯୋଗ ଏବଂ ଦାବିପତ୍ରର ଏକାକିତା ନକଲ ଜିଲ୍ଲାପାଳ ଏବଂ ପିଡି ଭଦ୍ରକକୁ ପ୍ରଦାନ କରିଛନ୍ତି ବୋଲି ଅଭିଯୋଗକାରୀ ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି।



## ବସ୍ ଚାପାରେ ମହିଳାଙ୍କ ମୃତ୍ୟୁ




**ଭଦ୍ରକ, ୨୨।୧୧(ସମିସ):** ଭଦ୍ରକ ସହର ବନ୍ତଛକରେ ଏକ ଯାତ୍ରୀବାହୀ ବସ ଚାପିଦେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ଭଦ୍ରକ ଜିଲ୍ଲା ଅଗରପଡ଼ା ଥାନା ଅଧୀନ ବଡବର୍ଚ୍ଛିକୟାଁ ବିସଲକଣା ଗାଁର କନକ ଦାସ(୫୫) ବସ୍‌ରେ ଆସି ବନ୍ତ ଛକରେ ଓହ୍ଲାଇ ଚାଲିଚାଲି ଯାଉଥିବା ବେଳେ ଆନନ୍ଦପୁରରୁ ଭଦ୍ରକ ଆସୁଥିବା 'ସମ୍ପର୍କ' ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ତାଙ୍କ ଉପରେ ମାଡ଼ି ଯାଇଥିଲା। ମୁମୂର୍ଷ ଅବସ୍ଥାରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ଟାଉନ୍ ପୁଲିସ ପହଞ୍ଚି ଉକ୍ତ ବସ୍ ଓ ଚାଳକକୁ ଥାନାକୁ ଆଣିଥିବା ବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ସାମାଜିକ ବନ ପ୍ରକଳ୍ପ ଯୋଜନାକୁ ୪୦ବର୍ଷ

# ଗ୍ରାମ୍ୟ ଜଙ୍ଗଲ ସଜଡ଼ା ପରିବର୍ତ୍ତେ ଉଜୁଡ଼ି ଯାଉଛି

ଆଗରପଡ଼ା, ୨୨।୧୧(ସମିସ)

ରାସ୍ତା ଓ ଅଟ୍ଟାଳିକା ନିର୍ମାଣ ଆଳରେ ଗ୍ରାମାଞ୍ଚଳରେ ଥିବା ଦୀର୍ଘବର୍ଷର ସବୁଜ ଘଞ୍ଚବନାନୀ ଧିରେ ଧିରେ ବିଲୁପ୍ତ ହେବାକୁ ବସିଛି। ଏପରିକି ରାସ୍ତା ସଂପ୍ରସାରଣ ଯୋଗୁଁ ଶହଶହ ବୃକ୍ଷ କଟାଯାଉଛି। ଅପରପକ୍ଷରେ ପ୍ରଶାସନ ଓ ବନ ବିଭାଗର କୌଣସି ଅଙ୍କୁଶ ନଥିବାରୁ ପ୍ରତିଦିନ ଅବାଧରେ ଓ ବେଆଇନ ଭାବରେ ଗଛ କଟାଚାଲିଛି। ଯାହାକୁ ନେଇ ପରିବେଶବିତ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଏହି ଦୁର୍ଦ୍ଦିନରୁ ମୁକ୍ତି ଲାଗି ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶ ସୃଷ୍ଟି ଓ ଲୋକମାନଙ୍କର ନାନାବିଧ ସମସ୍ୟାର ସମାଧାନ ପାଇଁ ୧୯୮୪ ମସିହାରେ ସାମାଜିକ ବନ ପ୍ରକଳ୍ପକୁ କାର୍ଯ୍ୟକାରୀ ହୋଇଥିଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଖୋଲା ସ୍ଥାନରେ ନୂତନ ଘଞ୍ଚ ଜଙ୍ଗଲ ସୃଷ୍ଟି କରି ସବୁଜ ବନାନୀ କରିବା ସହ ଚାଷୀଙ୍କୁ ଉତ୍ସାହିତ କରିବା। ଏହା ସହ ଏହାକୁ ରକ୍ଷଣାବେକ୍ଷଣ କରି ସୁସ୍ଥ ପରିବେଶ ପ୍ରତି ଜନସଚେତନତା ସୃଷ୍ଟି କରାଇବା। ଏଥିପାଇଁ ପଡ଼ିଆ ଜମି, ରାସ୍ତାକଡ ଆଦିରେ ବୃକ୍ଷରୋପଣ ପାଇଁ ପ୍ରଶାସନ ତରଫରୁ ଚାରା ରୋପଣ ସହ ଏହାର ଉପଯୁକ୍ତ ରକ୍ଷଣାବୋକ୍ଷଣ ପାଇଁ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଥିଲା। ଏହାକୁ ଗୁରୁତ୍ୱ ଦେବାପାଇଁ ପ୍ରତି ପଞ୍ଚାୟତରେ ବନ କମିଟି ଗଠନ କରାଯାଇ ଗ୍ରାମାଞ୍ଚଳର ବ୍ୟକ୍ତି ବିଶେଷମାନଙ୍କୁ ଏହାର ଦାୟିତ୍ୱ ଅର୍ପଣ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଏହା ଏକ ଅତ୍ୟନ୍ତ ସ୍ୱାଗତଯୋଗ୍ୟ ଯୋଜନା ହୋଇଥିବା ବେଳେ ଯୋଜନାକୁ ୪୦ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ବନ୍ତ ବ୍ଲକରେ ଏହାର ସୁଫଳ ମିଳିପାରିନାହିଁ। ତେଣୁ ଏହାର ସଫଳ ରୂପାୟନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଥିବା ବେଳେ କିଛି ଦିନ ତଳେ ଓଡ଼ଙ୍ଗ ପଞ୍ଚାୟତର ସରମରା ଠାରେ ଥିବା ଗ୍ରାମ୍ୟ ଜଙ୍ଗଲରୁ ବେନିୟମ ଭାବେ ବହୁ ଗଛ କଟାଯାଇଛି। ଏହାର ତଦନ୍ତ ପାଇଁ ବିଭିନ୍ନ ମହଲରେ ଦାବି ହେଉଥିଲେ ସୁଦ୍ଧା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିବା ସହ ଯୋଜନାର ସଫଳ ରୂପାୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବ୍ଲକର ବିଭିନ୍ନ ଖୋଲା ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପନ୍ନ ସହ ଏହାର ରୋପଣ କରିବାପାଇଁ ଦାବି ହେଉଛି। କେତେକ ସ୍ଥାନରେ ବହୁ ବର୍ଷ ପୂର୍ବେ ରାସ୍ତାପାର୍ଶ୍ୱ ଓ କେନାଲ ବନ୍ଧ ସହ ଗ୍ରାମାଞ୍ଚଳରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲରେ ରୋପଣ କରାଯାଇଥିବା ବୃକ୍ଷର ଉପଯୁକ୍ତ ଯତ୍ନ ନିଆନଯିବାରୁ ତାହା ଦିନକୁ ଦିନ ନଷ୍ଟ ହେବାକୁ ବସୁଛି। ଅନ୍ୟପକ୍ଷରେ ମଧ୍ୟ କିଛି ବର୍ଷ ପୂର୍ବ ବିଭିନ୍ନ ପଞ୍ଚାୟତରେ ଥିବା ବିଦ୍ୟାଳୟ ଗୁଡ଼ିକରେ ଫଳ ବୃକ୍ଷମାନ ରୋପଣ କରାଯାଇଥିଲେ ମଧ୍ୟ ଏହାର ଉପଯୁକ୍ତ ଯତ୍ନ ନିଆଯାଇ ନଥିବାରୁ ଗୋଟିଏ ବି ଫଳ ଚାରା ନଥିବାର ଦେଖାଯାଇଛି। ବର୍ତ୍ତମାନ ପ୍ରଶାସନ ଜାଗାକୁ ବହୁ ବ୍ୟକ୍ତି ଜବରଦଖଲ ନିଜ ଅଧୀନରେ ରଖି ତାହା ଉପରେ ବାସଗୃହ ନିର୍ମାଣ କରିବାରେ ଲାଗିଛନ୍ତି। ଫଳରେ ପ୍ରଶାସନର ଅଧିକାରରେ ଥିବା ଜମି ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବିପଦ ଆସିବା ପୁର୍ବରୁ ସତର୍କତା ଅବଲମ୍ବନ ପାଇଁ ପ୍ରତ୍ୟେକ ବ୍ଲକରେ ସମାଜିକ ବନ୍ୟପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପାଦନ କେନ୍ଦ୍ରମାନ ନିର୍ମାଣ। ଫାଙ୍କାସ୍ଥାନ ଗୁଡ଼ିକରେ ଚାରାରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନନେଇ ସବୁଜ ବନାନୀ ସୃଷ୍ଟି କରିବାକୁ ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ଙ୍କ ପକ୍ଷରୁ ଦାବି ହେଉଛି।



## ସମସ୍ୟାଘେରରେ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

# ବିନା ଫାର୍ମାସିଷ୍ଟ ଓ ଡାକ୍ତରରେ ରୋଗୀ ସେବା

**ଆଗରପଡ଼ା, ୨୨ ।୧୧(ସମିସ)**

ଗୁରୁବାର ଦିନ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଗଲେ ରୋଗୀଙ୍କୁ ଭଗବାନ ହିଁ ଭରସା ପାଲଟିଥାନ୍ତି। ଏହିପରି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଡ଼ାଳପଙ୍କ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ନୂତନ)ଠାରେ। ୧୯୯୩ ମସିହାରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ପ୍ରତିଷ୍ଠା ହୋଇପାରି ଥିଲା। ତାପର ଠାରୁ ଏହାର ଭିତ୍ତିଭୂମିରେ କୌଣସି ଉନ୍ନତି ପରିଲକ୍ଷିତ ହୋଇପାରି ନ ଥିଲା। ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ କେନ୍ଦ୍ରୀୟ ଟିମ୍ ଗସ୍ତ ପୂର୍ବରୁ ଏହାର କଳେବର ରଙ୍ଗୀନ ହୋଇପାରିଥିଲା। ମାତ୍ର ଡାକ୍ତର ନ ଥିବାରୁ ରୋଗୀମାନେ ନାନା ହିନସ୍ତା ହେଉଛନ୍ତି। ଭାରପ୍ରାପ୍ତ ଡାକ୍ତର ପଦବୀ ଦୀର୍ଘ ବର୍ଷ ଧରି ଏଠାରେ ଖାଲି ପଡ଼ିଥିବାବେଳେ ଦୀର୍ଘବର୍ଷ ଧରି ଜଣେ ମାତ୍ର ଆୟୁଷ ଡାକ୍ତର ରୋଗୀ ସେବା କରି ଆସୁଛନ୍ତି। ପ୍ରାୟ ୩ବର୍ଷ ହେବ ଫାର୍ମାସିଷ୍ଟ ପଦ ମଧ୍ୟ ଖାଲି ପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅନ୍ତର୍ଗତ




ଆଡ଼ିଆ ଓ ରାମଚନ୍ଦ୍ରପୁର ପଞ୍ଚାୟତ ସମେତ କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସଡ଼ା ପଞ୍ଚାୟତ ଅନ୍ତର୍ଗତ ନାହା, ମୌଦା, ମିଠିଗାଁ, ବେରୁଣପଦୀ ଆଦି ବିଭିନ୍ନ ଗ୍ରାମର ଶତାଧିକ ଲୋକେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ଏଥି ସହିତ ଆଗରପଡ଼ା-ବନ୍ତ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଥିବାରୁ ପ୍ରତିଦିନ ଯାଉଥିବା ଶତାଧିକ ଲୋକ ବିଭିନ୍ନ ଦୁର୍ଘଟଣା ଜନିତ ଚିକିତ୍ସା ମଧ୍ୟ ଏଠାରେ ହୋଇଥାନ୍ତି। ମାତ୍ର ସେପରିସ୍ଥଳରେ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ଫାର୍ମାସିଷ୍ଟଙ୍କ ପରି ଅତ୍ୟାବଶ୍ୟକ କର୍ମଚାରୀ ପଦି ଦୀର୍ଘ ବର୍ଷ ଧରି ଖାଲି ପଡ଼ିବାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଭାବ ସୃଷ୍ଟି ହେଉଥିବାବେଳେ ସପ୍ତାହର ପ୍ରତି ଗୁରୁବାର ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୋଜିତ ଜଣେ ମାତ୍ର ଆୟୁଷ ଡାକ୍ତର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ନିଜକୁ ନିୟୋଜିତ କରୁଥିବାରୁ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ନିମନ୍ତେ ଭଗବାନ କେବଳ ସାହା ଭରସା ବୋଲି ଅଭିଯୋଗ ହେଉଛି। କାହା ନିର୍ଦ୍ଦେଶରେ ସେ ଏହିପରି କାର୍ଯ୍ୟ କରୁଛନ୍ତି ତାହା ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗି ରହିଥିବା ଏହି ସବୁ ସମସ୍ୟାକୁ ଶୀଘ୍ର ସମାଧାନ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପ୍ରତି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି।

## ହତ୍ୟା ଅପରାଧୀକୁ ଆଜୀବନ ଜେଲ

**ଭଦ୍ରକ, ୨୨ ।୧୧(ସମିସ):** ଧାମନଗର ଥାନା ମୀର୍ଜାପୁର ଗ୍ରାମର ପୁରେନ୍ଦ୍ର ମହାରଣାଙ୍କ ପୁତ୍ର ଅରୁଣ ମହାରଣା ଓରଫ୍ ବାଗୁଙ୍କୁ ୩୦୨ ଦଫାରେ ଦୋଷୀ ସାବ୍ୟସ୍ତ କରି ଭଦ୍ରକ ଅତିରିକ୍ତ ଜିଲ୍ଲା ଜଜ୍ ଆଶୀଷ କୁମାର ତ୍ରିପାଠୀ ଆଜୀବନ ଜେଲ ସହ ୫୦୦୦ ଟଙ୍କା ଜରିମାନ ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ପୁଣି ୬ ମାସ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ ୨୬.୫.୧୮ରେ ମୀର୍ଜାପୁର ଗ୍ରାମର ଅର୍ଜୁନ ପରିଡ଼ାଙ୍କ ପୁତ୍ର ଅଜୟ ନିଜ ହୋଣ୍ଡା ୟୁନିକର୍ଣ୍ଣ ମୋଟର ସାଇକେଲାରେ ନିଜ ଘରୁ ଧାମନଗର ଯାଉଥିବା ବେଳେ ତାଳପଦା କୁମାରପଡ଼ା ଗେଟ୍ ନିକଟରେ ଅଭିଯୁକ୍ତ ଅରୁଣ ନିଜ ଅଟୋ ଚଲାଇ ବିପରୀତ ଦିଗରୁ ଆସୁଥିଲା। ସେଠାରେ ଅଜୟକୁ ଧକ୍କା ଦେଇଥିଲା ଓ ସେ ତଳେ ପଡ଼ିଯିବା ପରେ ତାକୁ ଭୁଜାଲିରେ ଆକ୍ରମଣ କରି ହତ୍ୟା କରିଥିଲା। ଏହି ଘଟଣାବେଳେ ସେହି ଗ୍ରାମର ରବୀନ୍ଦ୍ର ଜେନା ଓ ବିଶ୍ୱମ୍ବର ଷଡ଼ଙ୍ଗୀ ସମ୍ପୂର୍ଣ୍ଣ ଘଟଣା ଦେଖିଥିଲେ। ଅଜୟ ସେହି ଠାରେ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ବେଳେ ତା ବାପା ଅରୁଣ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ତାକୁ ଉଦ୍ଧାର କରି ପ୍ରଥମେ ଧାମନଗର ମେଡିକାଲ, ପରେ ସେଠାରୁ ଭଦ୍ରକ ଓ ଅବସ୍ଥା ଗୁରୁତର ଥିବାରୁ କଟକ ଅଧିକ ଚିକିତ୍ସା ପାଇଁ ଡାକ୍ତର ତାଙ୍କୁ ପଠାଇ ଦେଇଥିଲେ। ରାସ୍ତାରେ ଅଜୟ ନିଜ ପିତାଙ୍କୁ ଘଟଣା ସମ୍ପର୍କରେ ସମସ୍ତ କଥା କହିଥିଲା। କଟକରେ ପହଞ୍ଚିବାର ୨ ଘଣ୍ଟା ପରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଥିଲା। ତାର ମୃତ୍ୟୁ ପରେ ଅର୍ଜୁନ ପରିଡ଼ା ଅରୁଣ ମହାରଣା ବିରୋଧରେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଧାମନଗର ପୁଲିସ ଏକ ମାମଲା ରୁଜୁ କରି ଅରୁଣକୁ ଗିରଫ କରି ଜେଲ ପଠାଇ ଦେଇଥିଲା। ସେହିଦିନ ଠାରୁ ସେ ବିଚାରଧୀନ ବନ୍ଦୀ ଭାବେ ଜେଲରେ ଅଟକ ଅଛି। ଏସ୍‌ଟି ନମ୍ବର ୧୯୫/୨୦୧୮ ମୂଳେ ମାମଲା ବିଚାରାଧୀନ ଥିଲା। ମାନ୍ୟବର କୋର୍ଟ ରାୟ ପ୍ରକାଶ କରି ଉପରୋକ୍ତ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ସୂର୍ଯ୍ୟକାନ୍ତ କୁଅଁର ଓ ଅରୁଣ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

## ହାଇମାକ୍ସ୍ ଲାଇଟପୋଷ୍ଟ ଉଦ୍‌ଘାଟିତ

**ଭଣ୍ଡାରିପୋଖରୀ, ୨୨।୧୧(ସମିସ):** ଏହି ବ୍ଲକ ଅନ୍ତର୍ଗତ ଭଣ୍ଡାରିପୋଖରୀ-ମଣିନାଥପୁର ପୂର୍ତ୍ତରାସ୍ତାର ଷୋଳମପୁର ପଞ୍ଚାୟତ ବାହାଣିଆ ଗ୍ରାମ ଛକ ଓ ଖୋଳାମୁହଁ ଛକରେ ହାଇମାକ୍ସ ଲାଇଟ ପୋଷ୍ଟ ମଙ୍ଗଳବାର ସନ୍ଧ୍ୟାରେ ସାମ୍ବାଦିକ ବିଶ୍ୱମ୍ବର ରାଉତଙ୍କ ସଂଯୋଜନାରେ ଉଦଘାଟିତ ହୋଇଯାଇଛି। ବାହାଣିଆ ଛକରେ ସଦ୍ୟ ପ୍ରତିଷ୍ଠା ହୋଇଥିବା କାମେଶ୍ୱର ଶିବମନ୍ଦିର ସମ୍ମୁଖରେ ବିଧାୟକ ହାତପାଣ୍ଠିରୁ ସ୍ଥାପିତ ଏକ ହାଇମାସ୍କ ଲାଇଟ ପୋଷ୍ଟକୁ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟଅତିଥି, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ରାଜେଶ ବାରିକ, ସଞ୍ଜିବ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସେହିପରି ଖୋଳାମୁହଁ ଛକରେ ସ୍ଥାପିତ ହାଇମାକ୍ସ ଲାଇଟ ପୋଷ୍ଟକୁ ବରିଷ୍ଠ ନାଗରିକ ଶିଶିର କୁମାର ନାୟକ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୋହିତ ବାବାଜି ପତି, ପରୀକ୍ଷିତ ପଣ୍ଡା, ମାୟାଧର ରାଉତ, ସନ୍ତୋଷ ନାୟକ, ନରେନ୍ଦ୍ର ମହାନ୍ତି, ବିଦ୍ୟାଧର ଜେନା, ରାମଚନ୍ଦ୍ର ନାୟକ, ବିଜୟମଲ୍ଲିକ, ଗୁରୁଚରଣ ପୁହାଣ, କମଳାକାନ୍ତ ନାୟକ, ମାନସ ପୁହାଣ, ଉତ୍ତମ ଯେନା, ଭାଗବାନ ଦାସ, ବିନୋଦ ଯେନା, ଆରତ ଯେନା, ମାନଗୋବିନ୍ଦଯେନା, ଗଗନଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ଭଣ୍ଡାରିପୋଖରୀରେ କ୍ରୀଡ଼ାବିତଙ୍କୁ ପ୍ରତିଭା ସମ୍ମାନ



**ଭଣ୍ଡାରିପୋଖରୀ, ୨୨।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ବିରୋଳି ଗ୍ରାମର ଧାବିକା ଅର୍ଚ୍ଚନା ଜେନା ଓ ଷୋଳମପୁର (ଚାଙ୍ଗୁଆ) ଗ୍ରାମର କିକ୍ ବକ୍ସର ଶର୍ମିଷ୍ଠା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳବାର ସନ୍ଧ୍ୟାରେ ଷୋଳମପୁର ବୌଦ୍ଧବିହାର ସରସ୍ୱତୀ ଶିଶୁମନ୍ଦିର ପରିସରରେ ସମ୍ପାଦକଙ୍କ ସଂଯୋଜନାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଅଧ୍ୟାପକ ଅନାଦି ଚରଣ ସାହୁ, ଜିଲ୍ଲା ପରିଷଦ ସଦସ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ରାଜେଶ ବାରିକ, ସଞ୍ଜିବ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦୀୟମାନ କ୍ରୀଡ଼ାବିତ ଦ୍ୱୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ କ୍ରୀଡ଼ାରେ କ୍ୟାରିଅର ଗଢ଼ିବା ପାଇଁ ସମସ୍ତ ସହାୟତା ଯୋଗାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଶିଶିର ନାୟକ, ମାୟାଧର ରାଉତ, ପ୍ରଧାନଶିକ୍ଷୟିତ୍ରୀ ଅନୁସୂୟା ପୁହାଣ, ଗୁରୁମା ପ୍ରତିଭା ନାୟକ, ମାମିନା ଜେନା, ନିର୍ମଳା ମହାରଣା, ବିଜୟ ଦଳାଇ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଭୁବନେଶ୍ୱର ଜିସିପି କଲେଜର ଛାତ୍ରୀ ଧାବିକା ଅର୍ଚ୍ଚନା ଜେନା ଚଳିତ ବର୍ଷ ରାଜ୍ୟ ଓ ଜାତୀୟସ୍ତରୀୟ ବିଭିନ୍ନ ଦୌଡ଼ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଯାଜପୁର ନରସିଂହ ଚୌଧୁରୀ କଲେଜର ଛାତ୍ରୀ କିକ୍ ବକ୍ସର ଶର୍ମିଷ୍ଠା ଦାସ କଲେଜ ପକ୍ଷରୁ ରାଉରକେଲା ଖେଲୋ ଇଣ୍ଡିଆ ଖେଲୋ ପ୍ରତିଯୋଗୀତାରେ ଅଂଶଗ୍ରହଣ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଉଭୟ କ୍ରୀଡ଼ାବିତ ନିଜ ନିଜ କ୍ରୀଡ଼ାରେ କ୍ୟାରିଅର ଗଢ଼ିବାକୁ ଇଚ୍ଛୁକ ଥିବାନେଇ ସୂଚନା ଦେଇଥିଲେ।

## ପଞ୍ଚାୟତସମିତି ସମ୍ମିଳନୀ କକ୍ଷରେ ଉଦ୍ୟାନ କୃଷି କର୍ମଶାଳା

**ଧାମନଗର, ୨୨ ।୧୧(ସମିସ):** ଧାମନଗର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ମିସନ ଯୋଜନାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ବିଡିଓ ବନବିହାରୀ ଦିନ୍ଦା ଯୋଗଦେଇଥିଲେ। ଧାମନଗର ସହକାରୀ ଉଦ୍ୟାନ କୃଷି ଅଧିକାରୀ କୁଞ୍ଜବିହାରୀ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବନ୍ତ ସହକାରୀ ଉଦ୍ୟାନ କୃଷି ଅଧିକାରୀ ପାୟଲ ଚୌଧୁରୀ, ଭଦ୍ରକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ବିନୋଦ ଜେନା, ଭାସ୍କର ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ କିପରି ଭାବେ ଗ୍ରାମାଞ୍ଚଳରେ ମହିଳା ଓ ପୁରୁଷମାନେ ଚାଷପ୍ରତି ଆକୃଷ୍ଟ ହେବେ ଏବଂ ସେମାନଙ୍କ ପାଇଁ ସରକାରୀ ଯୋଜନାର ଟଙ୍କା ସଦ୍‌ବିନିଯୋଗ ହୋଇପାରିବ ସେ ଦିଗରେ ବ୍ୟାପକ ଆଲୋଚନା କହିଥିଲେ। ପରେ ସେମାନଙ୍କୁ ଛତୁ, ଆଳୁ, ଗେଣ୍ଡୁ ଫୁଲ, ମହୁଚାଷ ଉପରେ ତାଲିମ ପ୍ରଦାନ କରାଯାଇଥିଲା। ମହେନ୍ଦ୍ର ଭୂୟାଁ, ମନୋଜ ନନ୍ଦୀ ଓ ବିନୋଦ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଣୀତାଲରେ ଫାଣ୍ଡି ପ୍ରତିଷ୍ଠା ଦାବି

**ଭଦ୍ରକ, ୨୨ ।୧୧(ସମିସ):** ଭଦ୍ରକ ବ୍ଲକ ଅଧୀନ ରାଣୀତାଲ ଏକ ସମ୍ବେଦନ ଶୀଳ ଅଞ୍ଚଳ। ୧୬ନମ୍ବର ଜାତୀୟ ରାଜପଥର ପାର୍ଶ୍ୱରେ ଅବସ୍ଥିତ ରାଣୀତାଲ ଯାହା ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ସୀମାକୁ ଛୁଇଁଛି। ତା ଛଡ଼ା ଭଦ୍ରକ ବ୍ଲକ ଅଧିନ ୪ଟି ପଞ୍ଚାୟତ ଓ ବାଲେଶ୍ୱର ଜିଲ୍ଲା ଅଧୀନ ପ୍ରାୟ ୧୦ଟି ପଞ୍ଚାୟତ ଏହି ବଜାର ଉପରେ ନିର୍ଭରଶୀଳ। ଏଠି ଭାରତ ସରକାରଙ୍କ ଖାଦ୍ୟ ନିଗମ, ଓଡ଼ିଶା ସରକାର ଙ୍କ କୃଷି ବିଶ୍ୱବିଦ୍ୟାଳୟ, ବ୍ୟାଙ୍କ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଅଫିସ ରହିଛି। ଏଠାରେ ପ୍ରତିଦିନ ଯାତାୟାତ କରନ୍ତି ହଜାର ହଜାର ଲୋକ। ନିଶା କାରବାରର ପେଣ୍ଠସ୍ଥଳ ହେଉଛି ରାଣୀତାଲ। କେବଳ ଯେ ନିଶା କରବାର ତା ନୁହଁ, ଦିନକୁ ଦିନ ବଢ଼ି ଚାଲିଛି ଚୋରି ଓ ରାହାଜାନୀ। ତାଛଡ଼ା ସବୁ ଆଡ଼କୁ ଯିବାକୁ ଭଲ ରାସ୍ତା ଥିବାରୁ ସବୁ ପଞ୍ଚାୟତକୁ ଡ୍ରଗସ୍ ହେରୋଇନ ଭଳି ନିଷିଦ୍ଧ ମାଦକ ଦ୍ରବ୍ୟ ସହଜରେ ଯାଇ ପାରୁଛି। ଯାହା ଗତ ଦିନ ମାନଙ୍କରେ ଅବକାରୀ ବିଭାଗ ଓ ଭଦ୍ରକ ଗ୍ରାମାଞ୍ଚଳ ପୁଲିସ ପ୍ରମାଣ ପାଇ ସାରିଛି। ତେଣୁ ସବୁକୁ ଦୃଷ୍ଟିରେ ରଖି ରାଣୀତାଲରେ ଫାଣ୍ଡି ଟିଏ ପ୍ରତିଷ୍ଠା ବହୁ ଦିନରୁ ଦାବି ହେଉଛି। ଭଦ୍ରକ ବାଇପାସରେ ଥିବା ଗ୍ରାମାଞ୍ଚଳ ଥାନା ଆଉ ଅଳ୍ପ ଦିନ ମଧ୍ୟରେ ଗେଲପୁରକୁ ସ୍ଥାନାନ୍ତର ନେଇ ଆଲୋଚନା ହେଉଥିବାବେଳେ ରାଣୀତାଲରେ ଫାଣ୍ଡି ପ୍ରତିଷ୍ଠା ଅନିବାର୍ଯ୍ୟ ବୋଲି ଜଗଦଳପୁର ସରପଞ୍ଚ ତିଳୋତ୍ତମା ମହାପାତ୍ର ପ୍ରକାଶ କରିଛନ୍ତି। ରାହାଞ୍ଜ, ଜଗଡ଼ଦଳପୁର, ରମ୍ଭିଳାର ନିର୍ବାଚିତ ପ୍ରତିନିଧି ଓ ବୁଦ୍ଧିଜୀବୀ ଏ ବିଷୟରେ ଭଦ୍ରକ ବିଧାୟକ ସଞ୍ଜିବ ମଲ୍ଲିକଙ୍କ ସହ ଆଲୋଚନା କରିବେ ବୋଲି ଶିକ୍ଷାବିତ ଭାଗିରଥି ନାୟକ ପ୍ରକାଶ କରିଛନ୍ତି।

## ଭଦ୍ରକ ଜେଲରେ 'ପରିବର୍ତ୍ତନଶୀଳ କାରାଗାର ସ୍ମାର୍ଟ' କାର୍ଯ୍ୟକ୍ରମ

**ଭଦ୍ରକ, ୨୨ ।୧୧(ସମିସ):** ଭଦ୍ରକ ସବ୍ ଜେଲ୍‌ରେ ଆର୍ଟ ଅଫ୍ ଲିଭିଂ ଭଦ୍ରକ କେନ୍ଦ୍ର ପକ୍ଷରୁ ଜେଲ ଅନ୍ତେବାସୀଙ୍କ ସାମଗ୍ରିକ ପୁର୍ନବାସ ଏବଂ ସୁସ୍ଥତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ଜେଲ ସ୍ମାର୍ଟ ପ୍ରୋଗ୍ରାମ ନାମକ ୭ଦିନିଆ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଜେଲ ଅଧୀକ୍ଷକ ରକ୍ଷିନାଥ ନାଏକଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ, ଉନ୍ନତ ଶାରୀରିକ ସୁସ୍ଥତା, ଜେଲ ଅନ୍ତେବାସୀଙ୍କ ମଧ୍ୟରେ ହ୍ରାସ ହୋଇଥିବା ଉଦାସୀନତା ଓ ଚିନ୍ତା। ସେହିଭଳି ଆଘାତ ଜନିତ କଷ୍ଟରୁ ଲାଘବ, ନିଦ୍ରା, ସମାଜରୁ ଅପରାଧ ହ୍ରାସ କରିବାରକୁ ସହଯୋଗ ଆଜି ଗୁରୁଦେବ ଶ୍ରୀ ରବି ଶଙ୍କରଙ୍କ ଶିକ୍ଷା ସମ୍ପର୍କରେ କାର୍ଯ୍ୟକର୍ତ୍ତାମାନେ ପ୍ରଶିକ୍ଷଣ ଦେଇଥିଲେ।




## 'ରାଜ୍ୟସ୍ତରୀୟ ସୁରଭି ଉତ୍ସବ'ରେ ଛାତ୍ରୀ ଚୁମୁକି ପାଲଙ୍କ କୃତିତ୍ୱ

**ଭଣ୍ଡାରିପୋଖରୀ, ୨୨।୧୧(ସମିସ):** ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଶିଶୁଉତ୍ସବ 'ସୁରଭି'ରେ ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ପାଟୁଳି ଗ୍ରାମର କନ୍ୟା ତଥା କେନ୍ଦୁଆପଦା ଉଚ୍ଚ ବିଦ୍ୟାଳୟର ଦଶମଶ୍ରେଣୀର ଛାତ୍ରୀ ଚୁମୁକି ପାଲ କୃତିତ୍ୱ ଅର୍ଜନ କରିଥିବା ଜଣାଯାଇଛି। ଉତ୍ସବରେ ଅନୁଷ୍ଠିତ 'ମିଲେଟ' ଆଧାରିତ ପ୍ରବନ୍ଧ ପ୍ରତିଯୋଗିତାରେ ଚୁମୁକି ୨ୟ ସ୍ଥାନ ହାସଲ କରି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ ଶଶିଶେଖର କରଶର୍ମାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ପିତାମାତାଙ୍କ ପ୍ରେରଣାରେ ଚୁମୁକି ଏହି ସଫଳତା ହାସଲ କରିଛନ୍ତି ବୋଲି




ପ୍ରକାଶ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଅନିତାରାଣୀ ରାଉତ ଛାତ୍ରୀ ଚୁମୁକିଙ୍କୁ ଶୁଭକାମନା ଜଣାଇଛନ୍ତି।

## ବିଜ୍ଞାନମେଳା ପାଇଁ ସ୍କୁଲ ଅନୁଧ୍ୟାନ କଲେ ବିଇଓ

**ଭଣ୍ଡାରିପୋଖରୀ, ୨୨।୧୧(ସମିସ):** ଭଣ୍ଡାରିପୋଖରୀ ବ୍ଲକସ୍ତରୀୟ ବିଜ୍ଞାନମେଳା ପାଇଁ ବ୍ଲକ ଶିକ୍ଷାଧିକାରୀ ଅଧିର କୁମାର ତରାଇ ବୁଧବାର ମୀରହସନପୁର ଉପ୍ରା ବିଦ୍ୟାଳୟ ଅନୁଧ୍ୟାନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଅମୂଲ୍ୟ ନାୟକ, ପୂର୍ବତନ ସମିତି ସଭ୍ୟ ବିକାଶ ସାମଲ, ରାମଚନ୍ଦ୍ର ରାଉତ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଦିନବନ୍ଧୁ ମିଶ୍ର, ଏବିଇଓ ଉମେଶ ଚନ୍ଦ୍ର ଜେନା, ବ୍ଲକ ବିଜ୍ଞାନ ସଂଯୋଜକ ରବୀନ୍ଦ୍ର ମହାରଣା, ପ୍ରଧାନଶିକ୍ଷକ ଅଜୟ ନନ୍ଦ ପ୍ରମୁଖ ବିଜ୍ଞାନମେଳା ସମ୍ପର୍କୀୟ ସୁବିଧା ସୁଯୋଗ ସମ୍ପର୍କରେ ବିଇଓଙ୍କ ସହ ଆଲୋଚନା କରିଥିଲେ। ଗ୍ରାମାଞ୍ଚଳରେ ବିଜ୍ଞାନର ପ୍ରସାର ପାଇଁ ଏହି ମେଳା ଉପଯୋଗୀ ହୋଇପାରବ ବୋଲି ଆଶା ପ୍ରକାଶ କରିଥିଲେ। ଶିକ୍ଷକ ରଞ୍ଜନ କୁମାର ମହାନ୍ତି, ବିକ୍ରମ ସୌରଭ ରାୟ, ସମ୍ବିତ ମିଶ୍ର, ନିତ୍ୟାନନ୍ଦ ରାଉତ, ବିଦ୍ୟାଳୟ ପ୍ରଧାନଶିକ୍ଷକ ମୋହନ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା ସଂଯୋଜକ ଅଜୟ ରାୟ ଧନ୍ୟବାଦ ଦେଇଥିଲେ।

## ମହିଳା ସଚେତନତା କାର୍ଯ୍ୟକ୍ରମ

**ଭଦ୍ରକ, ୨୨ ।୧୧(ସମିସ):** ଆଦାନି ଧାମରା ପୋର୍ଟ ସିଏସ୍‌ଆର୍ ବିଭାଗ ଓ ଆଦାନି ଫାଉଣ୍ଡେସନ ପକ୍ଷରୁ ମହିଳାମାନଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି। ପୋର୍ଟ ପାରିପାର୍ଶ୍ୱସ୍ଥ ୯ଟି ପଞ୍ଚାୟତରେ ଥିବା ମତ୍ସ୍ୟଜୀବୀ ସମୁଦାୟର ୫୦ ଜଣ ମହିଳା ଏହି ସଚେତନତା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମତ୍ସ୍ୟଜୀବୀମାନଙ୍କ ନିମନ୍ତେ ସାମୁଦ୍ରିକ ଏବଂ ସୁରକ୍ଷା ବିଭାଗ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଡଙ୍ଗା ଦ୍ୱାରା ସମୁଦ୍ରକୁ କିପରି ନିରାପଦ ଭାବେ ଗତି କରିପାରିବେ ସେ ସମ୍ବନ୍ଧରେ ମହିଳାମାନଙ୍କୁ ବୁଝାଯାଇଥିଲା। ଏହାଦ୍ୱାରା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ବିକାଶ ହୋଇପାରିବ। ଧାମରା ବନ୍ଦରର କାର୍ଯ୍ୟଗୁଡ଼ିକର ସଂକ୍ଷିପ୍ତ ବର୍ଣ୍ଣନା ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ବ୍ୟବସାୟ କିପରି ପରସ୍ପର ସହ ଜଡ଼ିତ ସେ ବିଷୟରେ ମହିଳାମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ମହିଳାମାନେ ଧାମରା ବନ୍ଦର ଏବଂ ଏଲ୍‌ଏନ୍‌ଜି ଟର୍ମିନାଲ ସାଇଟ୍ ପରିଦର୍ଶନ କରିଥିଲେ।






ଷଣ୍ଢ ଆକ୍ରମଣରେ ବୃଦ୍ଧା ମୃତ, ଶିକ୍ଷୟିତ୍ରୀ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି।

## ଆଗରପଡ଼ା କଲେଜରେ 'ଯୁବ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଆଗରପଡ଼ା, ୨୨ ।୧୧(ସମିସ)**

ଆଗରପଡ଼ା କଲେଜରେ ଯୁବ ଓଡ଼ିଶା ନବୀନ ଓଡ଼ିଶା ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଆୟୋଜିତ ଉତ୍ସବରେ ବିଧାୟକ ପ୍ରତିନିଧି ଙ୍କ ପ୍ରୟାସ କାନ୍ତି ସାମଲ, ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ବିଡିଓ ପ୍ରଦୀପ ସେଠୀ, ଜିଲ୍ଲା ପରିଷଦ ସଭ୍ୟା ରୁନିତା ଦାସ, ବ୍ଲକ ଯୁବ ବିଜେଡି ସଭାପତି ସତ୍ୟସାଧନ ବେଜ, ବିଟିପୁର ସମିତିସଭ୍ୟା ଜ୍ୟୋର୍ତିମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ଏହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କଲେଜ ପରିଚାଳନା କମିଟି ସଭାପତି ପ୍ରଶାନ୍ତ ଦାଶଙ୍କ ସଭାପତିତ୍ୱରେ ଅଧ୍ୟକ୍ଷ ନାରାୟଣ ପାତ୍ର ସ୍ୱାଗତ ଭାଷଣ, ଅଧ୍ୟାପକ ନାରାୟଣ ପୁରି ଅତିଥି ପରିଚୟ, ବ୍ଲକ ଯୁବ ବିଜେଡି ଛାତ୍ର ସଭାପତି ପ୍ରଣବ ଲେଙ୍କା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ନୋଡାଲ ଅଫିସର ଅଧ୍ୟାପିକା ପ୍ରେମଲତା ଦାଶ ଏହାକୁ ପରିଚାଳନା କରିଥିଲେ। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ନୃତ୍ୟ ପରିବେଷଣ କରାଯାଇଥିଲା।



## ମହାମାୟୀଙ୍କ ମହମେଲାଣି, ମା'ଙ୍କ ଦୀର୍ଘ ୧୧ ଦିନର ଯାତ୍ରା ଶେଷ

# ଲକ୍ଷ ଲକ୍ଷ ଲୋକଙ୍କ ସମାଗମ, ମନମୋହିଲା ଅଘୋରୀ ନୃତ୍ୟ











**ବ୍ୟାସନଗର, ୨୨।୧୧(ସମିସ):**

ବ୍ୟାସନଗରର ଗଣପର୍ବ କାଳୀପୂଜା ବୁଧବାର ସମାପ୍ତ ହୋଇଛି। ଦୀର୍ଘ ୧୧ ଦିନ (୧୨ରୁ ୨୨ ତାରିଖ) ଯାତ୍ରାରେ ହଜାର ହଜାର ଦର୍ଶକ ସମାଗମ ଦେଖିବାକୁ ମିଳିଥିବାବେଳେ ବୁଧବାର ମହାମାୟୀଙ୍କ ମହାମେଲାଣି ଯାତ୍ରାରେ ଲକ୍ଷ ଲକ୍ଷ ଜନସମାଗମ ହୋଇଥିଲା। ବ୍ୟାସନଗର କାଳୀପୂଜା ଇତିହାସରେ ଏପରି ଜନସମାଗମ ପୂର୍ବରୁ କେବେ ଦେଖିବାକୁ ମିଳି ନ ଥିଲା। ଯାଜପୁର ଓ ବ୍ୟାସନଗର ପ୍ରଶାସନ, କାଳୀପୂଜା ଶାନ୍ତି କମିଟି ଓ ପୂଜାମଣ୍ଡପ କମିଟି ସଦସ୍ୟଙ୍କ ମିଳିତ ନିଷ୍ପତ୍ତି ମୁତାବକ ପୂର୍ବ ନିର୍ଦ୍ଧାରିତ ସମୟରୁ କିଛି ସମୟ ବିଳମ୍ବରେ ସମସ୍ତ ମେଢ଼ ଗୋପବନ୍ଧୁ ଛକରେ ପହଞ୍ଚି ମେଳଣ ପଡ଼ିଆ ଅଭିମୁଖେ ଅଗ୍ରସର ହୋଇଥିଲେ। ସହରର ଟ୍ରାଫିକ ନିୟନ୍ତ୍ରଣ କରିବାକୁ ଯାଜପୁରରୋଡ ପୁଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯିବା ସହିତ ସହର ମଧ୍ୟକୁ ୪ ଓ ୨ଚକିଆ ଯାନ ପ୍ରବେଶକୁ ଅପରାହ୍ନ ୧ ଘଟିକା ପରେ ବନ୍ଦ କରିଦିଆଯାଇଥିଲା। ପ୍ରଥମେ ଚୋରଦା ମେଢ଼ ନିର୍ଦ୍ଧାରିତ ସମୟଠାରୁ ପ୍ରାୟ ୧ ଘଣ୍ଟା ୧୦ ମିନିଟ ବିଳମ୍ବରେ ଗୋପବନ୍ଧୁ ଛକରେ ପହଞ୍ଚି ଚୋରଦା କାଳୀ ମେଳଣ ପଡ଼ିଆ ଅଭିମୁଖେ ଅଗ୍ରସର ହୋଇଥିଲା। ପରେ ଆର୍ଯ୍ୟନ କ୍ଲବ, ଗୋପବନ୍ଧୁ ନଗର, ବ୍ୟାଙ୍କଷ୍ଟ୍ରିଟ, ବିଏନଆର, ଷ୍ଟିଲ ସିଟି, ନୂଆ ମାର୍କେଟ, ନହକା ବାଇପାସ, ଦଳା, ରାଧାନାଥ ମାର୍ଗ, ବସଷ୍ଟାଣ୍ଡ, କୋପଣ୍ଡ କାଳୀମେଢ଼ ଗୋପବନ୍ଧୁ ଛକରେ ପହଞ୍ଚ ମେଳଣ ପଡ଼ିଆ ଅଭିମୁଖେ ଅଗ୍ରସର ହୋଇଥିଲେ। ଅନ୍ୟ ସମସ୍ତ କାଳୀପୂଜା କମିଟିଠାରୁ ପ୍ରତିବର୍ଷ କିଛି ଭିନ୍ନ ଓ ନିଆରା କରିବାର ଆଭିମୁଖ୍ୟ ନେଇ ଷ୍ଟିଲ ସିଟି କାଳୀପୂଜା କମିଟି ପୂର୍ବ ବର୍ଷ ପରି ଚଳିତବର୍ଷ ଆକର୍ଷଣ କେନ୍ଦ୍ରବିନ୍ଦୁ ସାଜିଥିଲା। ଷ୍ଟିଲ ସିଟି

### ଷ୍ଟିଲ୍ ସିଟି ସାଜସଜ୍ଜା ଦେଖିବାକୁ ଦର୍ଶକ ବ୍ୟାକୁଳ

କାଳୀପୂଜା କମିଟି ପକ୍ଷରୁ ଚଳିତ ଥର ୧୦ରୁ ଊର୍ଦ୍ଧ୍ୱ ବିଷୟବସ୍ତୁକୁ ନେଇ ମହାମାୟୀଙ୍କ ମହାମେଲାଣି ଶୋଭାଯାତ୍ରା ସମ୍ପାଦିତ ହୋଇଛି। ଷ୍ଟିଲ ସିଟି କାଳୀପୂଜା କମିଟି ମା'ଙ୍କ ମୃଣ୍ମୟୀ ପ୍ରତୀମା, ଘଣ୍ଟ, ବାଡିଖେଳ, ଆଳତୀ, ପୁଣେର ଢୋଲ ଟସା ପାଠକ, ବେଙ୍ଗଲୀ ମାଠିଆ, ଦାଣ୍ଡିଆ, ରାଜସ୍ଥାନର ଅଘୋରୀ ନୃତ୍ୟ, ଆଦିବାସୀ ନୃତ୍ୟ, ସିଂଘ ବାଜା, ବାହୁବଳୀ, ସୁଦୃଶ୍ୟ ଲାଇଟମାଳ, ଏର୍ଣ୍ଣାକୁଲମ ଛତା ଡ୍ୟାନ୍ସ ଆଦି ନେଇ ଦର୍ଶକଙ୍କ ମନକୁ ମୁଗ୍ଧ କରିବା ସହିତ ଏକ ଭିନ୍ନ ଆନନ୍ଦ ଓ ଅନୁଭୂତି ଦେଇଥିଲା।

**ମନ ମୋହିଲା ରାଜସ୍ଥାନ ଓ ହରିଆନାର ଅଘୋରୀ ନୃତ୍ୟ**

ଷ୍ଟିଲ ସିଟି କାଳୀପୂଜା କମିଟି ପକ୍ଷରୁ ଆୟୋଜିତ ମହାମେଳଣ ଉତ୍ସବରେ ଦର୍ଶକଙ୍କ ମନୋରଞ୍ଜନ ପାଇଁ ସର୍ବାଧିକ ସଂଖ୍ୟକ ବିଷୟବସ୍ତୁ ରହିଥିବାବେଳେ ଏହା ମଧ୍ୟରୁ ରାଜସ୍ଥାନ ଓ ହରିଆନାର ଅଘୋରୀ ନୃତ୍ୟ ଦର୍ଶକଙ୍କୁ ଆକୃଷ୍ଟ କରିବା ସହିତ ଗୋପବନ୍ଧୁ ଛକରେ ଏହି ନୃତ୍ୟ ପରିବେଷଣ କରାଯିବା ସମୟରେ ଭିଡ଼ ନିୟନ୍ତ୍ରଣ କରିବାକୁ ପୁଲିସ ଓ ସ୍ୱେଚ୍ଛାସେବୀଙ୍କୁ ନାକେଦମ ହେବାକୁ ପଡ଼ିଥିଲା। ମଲଙ୍ଗ ପାଗଳ ବାବାଜୀଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଏହି ଚିର୍ତ୍ତାକର୍ଷକ ଅଘୋରୀ ନୃତ୍ୟ ପରିବେଷଣରେ ଗୋପବନ୍ଧୁ ଛକରେ ପ୍ରାୟ ୭୦ ହଜାରରୁ ଊର୍ଦ୍ଧ୍ୱ ଦର୍ଶକ ଉପସ୍ଥିତ ରହି ମହାଦେବ ଶିବଙ୍କ ଏହି ତାଣ୍ଡବ ନୃତ୍ୟର ଭରପୁର ମଜା ନେଇଥିଲେ। ସେହିପରି ବାଡି ଖେଳ ଓ ମହିଳାମାନଙ୍କ ଦ୍ୱାରା କରାଯାଇଥିବା ନୃତ୍ୟ ମଧ ବେଶ୍ ଉଚ୍ଚକୋଟୀର ହୋଇଥିଲା।

**ବାଡି ଖେଳ ଓ ମାଠିଆ ନୃତ୍ୟ ମନମୋହିଲା**

ଗୋପବନ୍ଧୁନଗରର କାଳୀମେଢ କମିଟି ପକ୍ଷରୁ କରାଯାଇଥିବା ବିଭିନ୍ନ ବିଷୟବସ୍ତୁ ମଧ୍ୟରେ ଓଡିଶୀମାଠିଆ ନୃତ୍ୟ ଓ ବାଡିଖେଳ କିଛି କ୍ଷଣ ପାଇଁ ଦର୍ଶକଙ୍କୁ ଗୋପବନ୍ଧୁ ଛକରେ କ୍ଷଣିଏ ଅଟକି ଏହାକୁ ମନଭରି ଉପଭୋଗ କରିବାକୁ ବାଧ କରିଥିଲା। ସେହିପରି ଖଣ୍ଡା ମାଧ୍ୟମରେ ଚିତ୍ତାକର୍ଷକ ଖେଳ ଦେଖାଇବା ପରେ ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିବା ସହିତ କରତାଳି ଦେଇ ସାବସି ଜଣାଇଥିଲେ।

**ପୁରାତନ ଯୁଗର କଥା ସ୍ମରଣ କରାଇଲା ଆଦିବାସୀ ନୃତ୍ୟ**

ଷ୍ଟିଲ ସିଟି କାଳୀପୂଜା କମିଟି ପୁରାତନ ଯୁଗରେ ମାନବର ସ୍ଥିତି, ବ୍ୟବହାର, ଆଚରଣ ଓ ଚାଲିଚଳଣି କିପରି ଥିଲା ତାର ବିଷୟବସ୍ତୁକୁ ନେଇ ଏକ ପଥପ୍ରାନ୍ତ ଶୋ କରିଥିଲେ ଏକ ନୃତ୍ୟ ଦଳ। ଆଦିମ ଆଦିବାସୀମାନେ କିପରି ଶିକାର କରିବା ନିମନ୍ତେ ଜାଲ, ତେଣ୍ଟା, କୁରାଡି, କଟୁରୀ ଆଦି ବ୍ୟବହାର କରି ନିଜ ଖାଦ୍ୟ ସଂଗ୍ରହ କରିବା ସହିତ ଏହାକୁ ଭକ୍ଷଣ କରୁଥିଲେ ତାହାକୁ ନୃତ୍ୟର ତାଳେ ତାଳେ ଆଦିବାସୀ ସମ୍ପ୍ରଦାୟର ଲୋକେ ନିଖୁଣ ଭାବେ ପ୍ରଦର୍ଶନ କରି ଦର୍ଶକଙ୍କଠାରୁ ପ୍ରଶଂସା ସାଉଁଟିଥିଲେ। ବର୍ତ୍ତମାନର ସମୟରେ ଲୋକେ ଆଦିମ କଥାବସ୍ତୁକୁ ଧୀରେ ଧୀରେ ଭୁଲି ଯାଉଥିବାରୁ ଏପରି ପ୍ରୟାସକୁ ଅନେକ ସାଧୁବାଦ ଜଣାଇଛନ୍ତି।

**ଝୁମିଲେ ଦର୍ଶକ, ବିଭୋର ହେଲେ ପ୍ରଶାସନିକ ଅଧିକାରୀ**

ବ୍ୟାସନଗରର ଗଣପର୍ବ ମହାକାଳୀଙ୍କ ମହାମେଳଣରେ ବ୍ୟାସନଗର ପୌରବାସୀଙ୍କ ସମେତ ଲକ୍ଷାଧିକ ବିଭିନ୍ନ ଅଞ୍ଚଳର ଦର୍ଶକ ବୁଧବାର ମା'ଙ୍କ ମେଲାଣି ଯାତ୍ରାରେ ସାମିଲ ହୋଇ ଖୁବ୍ ଝୁମିଛନ୍ତି। ପାରମ୍ପରିକ ଲୋକନୃତ୍ୟ ସାଙ୍ଗକୁ ବିଭିନ୍ନ ଆଧୁନିକ ବାଦ୍ୟ ଓ ସଙ୍ଗୀତର ତାଳେ ତାଳେ ବୁଧବାର ଦର୍ଶକ ମନଭରି ଭସାଣ ଓ ମେଳଣ ଉତ୍ସବକୁ ଉପଭୋଗ କରିଛନ୍ତି। କେବଳ ଦର୍ଶକଙ୍କ ନିକଟରେ ସୀମିତ ରହିନି ମହାମାୟୀଙ୍କ ମେଳଣ ଉତ୍ସବ। ଯାଜପୁର ଓ ବ୍ୟାସନଗର ପ୍ରଶାସନର ଅନେକ ଅଧିକାରୀ ଏଥିରେ ସାମିଲ ହୋଇ ନିଆରା ଏକ ଅନୁଭବ ହାସଲ କରିଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସଲଭରିୟସ ଟପ୍ପୋ, ପୌର ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ବିଜେଡି ମହିଳା ଜିଲ୍ଲା ସଭାନେତ୍ରୀ ସବିତା ରାଉତ ପ୍ରମୁଖ ଏହି ଭସାଣ ଉତ୍ସବକୁ ଉପଭୋଗ କରିଥିଲେ।

**ଭିଡ଼ ନିୟନ୍ତ୍ରଣ ପୁଲିସ ପାଇଁ ଥିଲା ଆହ୍ୱାନ**

ଚଳିତବର୍ଷ ମହମାୟୀଙ୍କ ପୂଜା ଜାକଜମକରେ ପାଳିତ ହୋଇଥିବାରୁ ଚଳିତଥର ବିଗତ ବର୍ଷମାନଙ୍କ ଅପେକ୍ଷା ଦର୍ଶକଙ୍କ ସଂଖ୍ୟା ଆଶାନୁରୂପ ଅଧିକ ହେବ ବୋଲି ଯେଉଁ ଅନୁମାନ ମିଳିତ ସମନ୍ୱୟ ବୈଠକରେ କରିଥିଲେ ତାହା ଶତ ପ୍ରତିଶତ ସତ୍ୟ ହୋଇଛି। ପ୍ରାୟ ଏକ ଲକ୍ଷରୁ ଊର୍ଦ୍ଧ୍ୱ ଦର୍ଶକ ଏହି ମହାପର୍ବରେ ନିଜକୁ ସାମିଲ କରାଇଥିବାବେଳେ ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ଓ ଭିଡ ନିୟନ୍ତ୍ରଣ କରିବା ଯାଜପୁର ରୋଡ ଆଦର୍ଶ ଥାନା ପାଇଁ ଏକ ଚ୍ୟାଲେଞ୍ଜ ଭାବେ ଛିଡା ହୋଇଥିଲା। ମହାମାୟୀଙ୍କ ଏହି ମେଲାଣ ଉତ୍ସବରେ ଭିଡ ନିୟନ୍ତ୍ରଣ କରିବାରେ ଯାଜପୁର ରୋଡ ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ଓ ଟିମ ପ୍ରାୟତଃ ସଫଳ ହେଇଛନ୍ତି। ନିଜର ପୂର୍ବ ନିର୍ଦ୍ଧାରିତ ପ୍ଲାନ ଅନୁଯାୟୀ ସହରକୁ ପୂଜା ସମୟରେ ଭାରୀଯାନ ଚଳାଚଳ ଆଂଶିକ ନିଷେଧ କରିବା ସହିତ ବୁଧବାର ଅପରାହ୍ନରୁ ୨ ଚକିଆ ଓ ୪ ଚକିଆ ଯାନ ସହର ମଧ୍ୟକୁ ପ୍ରବେଶକୁ ମଧ ନିଷେଧ କରିଥିଲେ।

**ଯାଜପୁରରୋଡ ପୁଲିସ ପକ୍ଷରୁ ବନ୍ଧୁମିଳନ**

ଯାଜପୁରରୋଡ ପୁଲିସ ପକ୍ଷରୁ ପ୍ରତିବର୍ଷ ମହାମାୟୀଙ୍କ ଭସାଣ ଯାତ୍ରାରେ ଆୟୋଜିତ ହେଉଥିବା ବନ୍ଧୁ ମିଳନ କାର୍ଯ୍ୟକ୍ରମର ଦାୟିତ୍ୱ ଚଳିତବର୍ଷ ସହରର ଆର୍ଯ୍ୟନ କ୍ଲବ କାଳୀପୂଜା କମିଟିକୁ ପ୍ରଦାନ କରାଯାଇଥିଲା। ଏହି ଆଧାରରେ ଆର୍ଯ୍ୟନ କ୍ଲବ ପକ୍ଷରୁ ଶାନ୍ତି କମିଟି, ପ୍ରଶାସନ ଓ ପୂଜାମଣ୍ଡପ ସଭାପତି ସମ୍ପାଦକଙ୍କ ନିମନ୍ତେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପ୍ରତ୍ୟେକ ପୂଜାମଣ୍ଡପ ସଭାପତି ଓ ସମ୍ପାଦକଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଓ ମିଠା ହାଣ୍ଡି ପ୍ରଦାନ କରାଯାଇଥିବାବେଳେ ଶାନ୍ତି କମିଟି ସଦସ୍ୟଙ୍କୁ ମଧ ସମାନ ଢଙ୍ଗରେ ଆପ୍ୟାୟିତ କରାଯାଇଥିଲା। ଚଳିତବର୍ଷ ମା'ଙ୍କ ମହୋତ୍ସବକୁ ଖୁବ୍ ଶାନ୍ତିଶୃଙ୍ଖଳାର ସହିତ ସମାପନ କରିଥିବାରୁ ଯାଜପୁର ରୋଡ ପୁଲିସ ପକ୍ଷରୁ ଥାନାଧିକାରୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

---

## ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା

# ଶିକ୍ଷା ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ

**କୁଆଖିଆ/ହରିପୁର, ୨୨।୧୧(ସମିସ):** ରସୁଲପୁର ବ୍ଲକର ଓରାଳିସ୍ଥ ସୂର୍ଯ୍ୟନାରାୟଣ ନୋଡାଲ ଉପ୍ରା ବିଦ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରର ସନ୍ଦେହଜନକ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଏହାର ତଦନ୍ତ କରାଯାଇଛି। ରସୁଲପୁର ଶିକ୍ଷା ମଣ୍ଡଳର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଡଃ ପ୍ରଭଞ୍ଜନ ପତି ପହଞ୍ଚି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରମିଳା ପଣ୍ଡା ଓ ଛାତ୍ରଛାତ୍ରୀଙ୍କଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ସେମାନଙ୍କ ବୟାନ୍ ଅନୁଯାୟୀ ମୃତ ଛାତ୍ର ରୁଦ୍ରନାରାୟଣର ପୂର୍ବରୁ ଶ୍ୱାସଜନିତ ସମସ୍ୟା ଥିବାବେଳେ ଦୁଇଦିନ ପୂର୍ବରୁ ପୁରୀ ବୁଲିବାକୁ ଯାଇ ଘରକୁ ଫେରି ଅସୁସ୍ଥତା ଅନୁଭବ କରିବା ସହିତ ବିଦ୍ୟାଳୟକୁ ଯିବାକୁ ଚାହୁଁ ନ ଥିଲା। ଘର ଲୋକଙ୍କ ଚାପରେ ବାଧ ହୋଇ ବିଦ୍ୟାଳୟ ଯାଇ ମଧ୍ୟାହ୍ନରେ ଘରକୁ ଖାଇବାକୁ ଆସି ନ ଥିଲା। ସେ ପ୍ରତ୍ୟେକ ଦିନ ଭଳି ନ ଖେଳି ଚୁପଚାପ ରହୁଥିବା ଦେଖିବାକୁ ମିଳୁଥିଲା।



ସେଦିନ ଅପରାହ୍ନ ୩ଟା ସମୟରେ ରୁଦ୍ର ସାଥୀ ସୂର୍ଯ୍ୟପ୍ରତାପ ସହିତ ଖେଳିବା ମଧ୍ୟରେ ବିଦ୍ୟାଳୟର ସମ୍ପୃକ୍ତ ଶିକ୍ଷୟିତ୍ରୀ ଦୁଇ ସାଙ୍ଗକୁ ଅଫିସକୁ ଡାକି ତାଗିଦ୍ କରିବା ସହିତ ଆଣ୍ଠେଇ ଦେଇଥିଲେ। ୨୦ ଥର ଉଠ୍ ବସ୍ ହେବାକୁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ପୂର୍ବରୁ ଅସୁସ୍ଥ ଥିବା ରୁଦ୍ରନାରାୟଣ ଦୁଇଥର ଉଠ୍ ବସ୍ ପରେ ତୃତୀୟ ଥରକୁ ତଳେ ପଡ଼ିଯାଇଥିଲା। ଏହା ଦେଖି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପ୍ରାଥମିକ ଚିକିତ୍ସା ପରେ କୌଣସି ସୁଫଳ ନ ହେବାରୁ ଅଭିଭାବକଙ୍କୁ ଖବର ଦେଇ ପ୍ରଥମେ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ମେଡ଼ିକାଲ ନେଇ ସେଠାରେ ନିରାଶ ହୋଇଥିଲେ। ତେବେ ଶିକ୍ଷା ଅଧିକାରୀଙ୍କ କହିବା ଅନୁସାରେ ମୃତ ଛାତ୍ରର ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ। ସେହି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

---

# ଝୁମ୍ପୁରୀ ବଜାର କାଳୀପୂଜା ଭସାଣି

ଦଶରଥପୁର, ୨୨।୧୧ (ସମିସ): ଦଶରଥପୁର ବ୍ଲକ ଝୁମ୍ପୁରୀ ବଜାର ବଣିକ ସଂଘ ଓ ଗଣେଶ କ୍ଲବ୍ ଆୟୋଜନରେ ବଜାରରେ ଅନୁଷ୍ଠିତ ମା'କାଳୀଙ୍କ ପୂଜାର ଭସାଣି ଉତ୍ସବ ଗତକାଲି ଶେଷ ହୋଇଛି। ଏହି ଭସାଣି ଶୋଭାଯାତ୍ରା ଝୁମ୍ପୁରୀ ବଜାର ପରିକ୍ରମା କରିବା ସହ ନୂଆଗାଁ ମିଶ୍ରପୁର ବୈତରଣୀ ଘାଟରେ ମା'ଙ୍କୁ ବିସର୍ଜନ କରାଯାଇଥିଲା। ଏହି ଭସାଣି ଉତ୍ସବ ଦେଖିବା ପାଇଁ ଭକ୍ତଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିବାବେଳେ ବିପୁଳ ଜନସମାଗମ ହୋଇଥିଲା। ମା'କାଳୀ କମିଟିର ବରିଷ୍ଠ ସଭ୍ୟ ନଟବର ସାହୁ, ଗୋବିନ୍ଦ ସାହୁ, ପ୍ରଶାନ୍ତ କୁମାର ପାଣିଗ୍ରାହୀ, ପ୍ରଦୀପ୍ତ ସାହୁ, ମହେଶ୍ୱର ସାହୁ, ବାପି ଦେବତା, ପୂର୍ଣ୍ଣଚନ୍ଦ୍ର ସାହୁ, ଶତ୍ରୁଘ୍ନ ଦାସ ପ୍ରମୁଖଙ୍କ ସହ କମିଟିର ସମସ୍ତ ସଭ୍ୟ ଏହି ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ଦିଗରେ ସହଯୋଗ କରିଥିଲେ। ଦଶରଥପୁର ଥାନାଧିକାରୀ ବଦ୍ରିକାନାଥ ବେହେରାଙ୍କ ସହ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।



---

## କଲେଜ ଛାତ୍ରୀଙ୍କୁ କମେଣ୍ଟ ମରା ମାମଲା

# ଅଭିଯୁକ୍ତକୁ ବର୍ଷେ କାରାଦଣ୍ଡ

**ଯାଜପୁର, ୨୨।୧୧(ସମିସ):** ନାବାଳିକା କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରିବା ଘଟଣାରେ ଅଭିଯୁକ୍ତକୁ ବର୍ଷେ ସଶ୍ରମ କାରାଦଣ୍ଡ ସହ ୫ଶହ ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି ଯାଜପୁର ଆଡ୍‌ହକ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଶରତ ଚନ୍ଦ୍ର ଦେହୁରି। ଗତ ୨୦୧୪ ସେପ୍ଟେମ୍ବର ୧୩ ତାରିଖ ଦିନ ପ୍ରାୟ ୧୦ଘଟିକା ସମୟରେ ନାବାଳିକା କଲେଜ ଛାତ୍ରୀ ପରୀକ୍ଷା ଦେବାପାଇଁ ସାଇକଲରେ ଯିବା ସମୟରେ ବିଂଝାରପୁର ଥାନା ଅନ୍ତର୍ଗତ କପିଳା ଗ୍ରାମର ବନମାଳି ବେହେରା (୩୨) ସାଇକଲକୁ ଅଟକାଇ ଦୁର୍ବ୍ୟବହାର କରିବା ସହ କମେଣ୍ଟ ମାରିଥିଲେ। ଫଳରେ ଛାତ୍ରୀ ଜଣକ କଲେଜ ଯାଇ ନ ପାରି ରାସ୍ତା କଡ଼ରେ ଥିବା ଜଣେ ଭଦ୍ରଲୋକଙ୍କ ଘରେ ଆଶ୍ରୟ ନେଇଥିଲେ। ପରେ ଏହି ଘଟଣାକୁ କେନ୍ଦ୍ରକରି ବିଂଝାରପୁର ଥାନାରେ ନାବାଳିକା ଛାତ୍ରୀର ଭାଇ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ଥାନା ପୁଲିସ ୧୫୮/୧୪ରେ ମାମଲା ରୁଜୁ କରି ଅଭିଯୁକ୍ତ ବନମାଳିକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଚୂଡାନ୍ତ ଶୁଣାଣି କରି ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଡ୍‌ହକ୍ ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଅଭିଯୁକ୍ତକୁ ବର୍ଷେର୍ ସଶ୍ରମ କାରାଦଣ୍ଡ ସହ ୫ଶହ ଟଙ୍କା ଜରିମାନା ପାଇଁ ରାୟ ଶୁଣାଇଛନ୍ତି। ଜରିମାନା ଅନାଦେୟରେ ଅଧିକ ୧୫ଦିନ ଜେଲ ଦଣ୍ଡାଦେଶ କରିବାକୁ ମଧ ନିର୍ଦ୍ଦେଶ ରହିଛି। ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଶୈଳେନ୍ଦ୍ର ସାମଲ ମାମଲା ପରିଚାଳନା କରିଥିଲେ।

---

## ଭାଗବତ କଥାମୃତର ଦ୍ୱିତୀୟ ସନ୍ଧ୍ୟା

# 'ଭାଗବତ ଅଧ୍ୟୟନ ଦ୍ୱାରା ବ୍ୟକ୍ତିର ଆଧ୍ୟାତ୍ମିକ ବିକାଶ ଘଟିଥାଏ'

ଯାଜପୁର ଟାଉନ, ୨୨।୧୧ (ସମିସ): ଗୀତା ଜାଗରଣ ପରିଷଦ ଆନୁକୂଲ୍ୟରେ ଚାଲିଥିବା ସପ୍ତ ଦିବସ ବ୍ୟାପି ଭାଗବତ କଥାମୃତ ଆଲୋଚନାର ଦ୍ୱିତୀୟ ସନ୍ଧ୍ୟାରେ ଆଇନଜୀବୀ ପ୍ରତୀମା କର ଅଧ୍ୟକ୍ଷତା କରିଥିଲେ। ପବିତ୍ର ବୈତରଣୀ ନଦୀର ଦଶାଶ୍ୱମେଧ ଘାଟ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ଅଜୟ କୁମାର ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ରାଇଦାମୋଦରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି କ୍ଷୀରୋଦ ଚନ୍ଦ୍ର ପାଠୀ ସ୍ତୋତ୍ରପାଠ କରିଥିଲେ। ସମ୍ପାଦକ ଭାସ୍କର ଚନ୍ଦ୍ର



ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଆଜି ଦିନର ମହତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରେରଣା ପଣ୍ଡାଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ନୃସିଂହ ଚରଣ ମହାପାତ୍ର ଅବସରପ୍ରାପ୍ତ ଅତିରିକ୍ତ ଶାସନ ସଚିବ ବକ୍ତବ୍ୟରେ ଭାଗବତ ଅଧ୍ୟୟନ ଦ୍ୱାରା ବ୍ୟକ୍ତିର ଆଧ୍ୟାତ୍ମିକ ବିକାଶ ଘଟିବା ସହିତ ସାମାଜିକ ବିକାଶ ଘଟିଥାଏ ବୋଲି କହିଥିଲେ। ପ୍ରବଚିକା ସୁଶ୍ରୀ ସାଇ ଆଦ୍ୟାଜ୍ୟୋତି ଦାସ ଭାଗବତ ପଢ଼ିବା ଦ୍ୱାରା ବ୍ୟକ୍ତିର ସାମଗ୍ରୀକ ବିକାଶ ହୁଏ। ବ୍ୟକ୍ତି ଏକ ଉତ୍ତମ ଜୀବନଧାରା ବାଛିନିଏ। ମୁଖ୍ୟଅତିଥି ନିଜ ବକ୍ତବ୍ୟରେ ସମାଜରେ ଶାନ୍ତି ପ୍ରତିଷ୍ଠା କରିବାକୁ ହେଲେ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ଜାଗ୍ରତ କରିବା ଆବଶ୍ୟକ। ଏଣୁ ପ୍ରତ୍ୟକ ଦିନ ଭାଗବତ ପାଠ କରିବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତ୍ତବ୍ୟ। ସହସମ୍ପାଦକ ବୃନ୍ଦାବନ ମିଶ୍ର, ଅଧ୍ୟାପକ କୈଳାସ ଚନ୍ଦ୍ର ବେହେରା, ଡଃ କାହ୍ନୁଚରଣ ମିଶ୍ର, ଦେବେନ୍ଦ୍ର ସାହୁ, ଅଭିମନ୍ୟୁ ମିଶ୍ର, ଅନୁସୟା ମିଶ୍ର, ସନ୍ତୋଷ ସ୍ୱର୍ଣ୍ଣକାର, ରବିନାରାୟଣ କର ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ବୃନ୍ଦାବନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

---

# ୪୦ ଗ୍ରାମ୍ ବ୍ରାଉନସୁଗର ଜବତ, ୧ ଗିରଫ

**ଯାଜପୁର, ୨୨।୧୧(ସମିସ):** ଯାଜପୁର ସହରରେ ଦିନକୁ ଦିନ ବଢ଼ି ଚାଲିଛି ବ୍ରାଉନସୁଗର କାରବାର। ନିୟମିତ ବ୍ୟବଧାନରେ ଧରାପଡୁଛନ୍ତି ବ୍ରାଉନସୁଗର ବ୍ୟବସାୟୀ। ନିକଟରେ ଏହି କାରବାରରେ ପୁଲିସ ଜଣେ ଡାକ୍ତରଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ପୁଣି ଆଜି ଯାଜପୁର ସହରର ଗରିଆପୁର ଅଞ୍ଚଳରେ ଚଢ଼ଉ କରି ୪୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଏହି ଘଟଣା ଜଣାପଡ଼ିବା ପରେ ଯାଜପୁର ସହରବାସୀଙ୍କ ମଧ୍ୟରେ ଛନକା ପଶିଯାଇଛି। ବ୍ରାଉନସୁଗର ବିକ୍ରେତାକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

ସୂଚନା ମୁତାବକ, ଯାଜପୁର ଅବକାରୀ ଅଧୀକ୍ଷକ ଅମରେନ୍ଦ୍ର ଜେନାଙ୍କ ନିର୍ଦ୍ଦେଶକ୍ରମେ ଓ ଇନ୍ସପେକ୍ଟର ସ୍ୱପ୍ନାରାଣୀ ସାହୁଙ୍କ ପରାମର୍ଶକ୍ରମେ ଏସ୍ଆଇ ପ୍ରଦୀପ କୁମାର ରଥ ପାଟ୍ରୋଲିଂ କରୁଥିବା ସମୟରେ ଯାଜପୁର ସହରର ଗରିଆପୁର ଅଞ୍ଚଳରେ ଚଢ଼ଉ କରିଥିଲେ। ଏହି ସମୟରେ ଦେବେନ୍ଦ୍ର ବେହେରା(୨୫) ବ୍ରାଉନସୁଗର ବେପାର କରୁଥିବାବେଳେ ତାକୁ ଅବକାରୀ କର୍ମଚାରୀ କାବୁ କରିଥିଲେ। ତା' ନିକଟରୁ ୪୦ ଗ୍ରାମର



ବ୍ରାଉନସୁଗର ଜବତ କରାଯାଇଥିଲା। ଯାହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କା ହେବ। ସେ ଭଦ୍ରକ ଅଞ୍ଚଳରୁ ବ୍ରାଉନସୁଗର ଆଣି ଯାଜପୁର ସହରରେ ପିଲାଙ୍କୁ ବିକ୍ରି କରୁଥିଲା। ଏହି ଚଢ଼ଉରେ ଅବକାରୀ ବିଭାଗ ପକ୍ଷରୁ ଏସ୍ଆଇ ପ୍ରଦୀପ କୁମାର ରଥ, ବିଭୁପ୍ରସାଦ ସାହୁ, ଜୟପ୍ରକାଶ ବେହୁରିଆ, ସଂଗ୍ରାମ କେଶରୀ କୁଅଁର, କନେଷ୍ଟବଳ ରାକେଶ କୁମାର ମୁର୍ମୁ, ପୂର୍ଣ୍ଣିମା ଘୋଷ ସାମିଲ ହୋଇଥିଲେ।

**ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବର ଅନ୍ତିମ ସନ୍ଧ୍ୟା**

# ‘ଜୟନ୍ତ ଜୟପାଳ’ ଗୀତିନାଟ୍ୟରେ ମୁଗ୍ଧ ଦର୍ଶକ



**ଜଗତସିଂହପୁର, ୨୨।୧୧(ସମିସ):** ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲ୍ଲା ସଂସ୍କୃତି ପରିଷଦ ଓ ଲୋକକବି ବାଳକୃଷ୍ଣ ସ୍ମୃତି ପରିଷଦ ଅନୁକୂଲ୍ୟରେ ଆଦିକବି ସାରଳା ଦାସ ସଂସ୍କୃତି ଭବନ ପରିସରରେ ରାଜ୍ୟସ୍ତରୀୟ ଗୀତିନାଟ୍ୟ ଉତ୍ସବର ଅନ୍ତିମ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିନରେ ମଞ୍ଚସ୍ଥ ‘ଜୟନ୍ତ ଜୟପାଳ’ ଓ ‘ଅମର ବିଳାସ’ ଗୀତିନାଟ୍ୟର ସଙ୍ଗୀତ ଓ ଅଭିନୟରେ ଦର୍ଶକ ମନ୍ତ୍ରମୁଗ୍ଧ ହୋଇଥିଲେ।

ରାଜ୍ୟସ୍ତରୀୟ ଏହି ଗୀତିନାଟ୍ୟ ଉତ୍ସବର ଦ୍ୱିତୀୟ ତଥା ଅନ୍ତିମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଲଗ୍ନଜିତ ରାଉତ ଯୋଗଦେଇ ନିଜ ଅଭିଭାଷଣରେ ଅଧୁନିକ ଓଡିଆ ନାଟ୍ୟକଳା ବିଭିନ୍ନ ଲୋକ ନୃତ୍ୟ ଓ ଲୋକ ନାଟକକୁ ଆଶ୍ରୟ କରି ଗଢିଉଠିଛି ବୋଲି କହିଥିଲେ। ଓଡିଆ ନାଟକର ଉନ୍ମେଷ ଓ ବିକାଶରେ ଲୋକନାଟକ ଗୁରୁତପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ସେ କହିଥିଲେ। ଯାତ୍ରା ନାଟକର ଅନ୍ତୁଡିଶାଳ ଜଗତସିଂହପୁର। ତତ୍କାଳୀନ ଲୋକନାଟ୍ୟ ଗଣକବି ବୈଷ୍ଣବପାଣି, ଲୋକକବି ବାଳକୃଷ୍ଣ ଦାସ ଓ ଗୋପାଳ ଦାସଙ୍କ ଗୀତିନାଟ୍ୟ ଦ୍ୱାରା ପ୍ରଭାବିତ ବୋଲି ସେ କହିଥିଲେ। ଗୀତିନାଟ୍ୟ ଲୋକକଳା ଆମର ଗୌରବ। ଏହି କଳାର ପ୍ରୋତ୍ସାହନ ଓ ସୁରକ୍ଷା ଆବଶ୍ୟକ ବୋଲି ସେ ମତ ରଖିଥିଲେ।

ଏଥିରେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଯୋଗଦେଇ ପୁରୁଣା ଲୋକ ନାଟକରେ ଜନସାଧାରଣଙ୍କ ଆଶା ଆକାଂକ୍ଷା, ରୀତି ନୀତି, ଚାଲିଚଳନ, ଆଦର୍ଶ, ପରମ୍ପରା ଧାରଣା ଓ ବିଶ୍ୱାସ ପ୍ରତିଫଳିତ ହୋଇଥାଏ ବୋଲି କହିଥିଲେ। ଏକା ଧାରାରେ ନୃତ୍ୟ, ଗୀତ, ଅଭିନୟ ଓ ସଂଳାପ ଦ୍ୱାରା ଗୀତିନାଟ୍ୟ ଜନମାନସକୁ ମନୋରଞ୍ଜନର ଭରପୁର ଖୋରାକ ଯୋଗାଇଥାଏ ବୋଲି ସେ କହିଥିଲେ।

ପରିଷଦର ପ୍ରଦୀପ ଚୌଧୁରୀ ସ୍ୱାଗତ ଭାଷଣ ଦେଇଥିବାବେଳେ ପରିଷଦର ସମ୍ପାଦକ ଗୋପାଳ କୃଷ୍ଣମିଶ୍ର ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଷଦର ସଭାପତି ମହେନ୍ଦ୍ର ଆଚାର୍ଯ୍ୟ, ପରିଷଦର କାର୍ଯ୍ୟକାରୀ ସଭାପତି ହେମନ୍ତ ରଥ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଗଣକବି ବୈଷ୍ଣବ ପାଣିଙ୍କ ରଚିତ ଗୀତିନାଟ୍ୟ ‘ଜୟନ୍ତ ଜୟପାଳ’ ସାଲେପୁର ପିକୋଳ ମା ଶାରଳା ସାସ୍କୃତିକ ସଂସଦ ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। ସେହିପରି ଜଗତସିଂହପୁରର ଲୋକ କବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ଦାସଙ୍କ ରଚିତ ‘ଅମର ବିଳାସ’ ଗୀତିନାଟ୍ୟ ଲୋକକବି ବାଳକୃଷ୍ଣ ସ୍ମୃତି ପରିଷଦ ଦ୍ୱାରା ପରିବେଷଣ କରାଯାଇଥିଲା।

# ଆଖିବୁଜିଲେ ଚିକିତ୍ସାଧୀନ ନବୋଦୟ ଛାତ୍ର

**କୁଜଙ୍ଗ, ୨୨।୧୧ (ସମିସ):** ଜଗତସିଂହପୁର ଜିଲ୍ଲା ସାଇଲୋସ୍ଥିତ ନବୋଦୟ ବିଦ୍ୟାଳୟର ଜଣେ ଦ୍ୱାଦଶ ଶ୍ରେଣୀର ଛାତ୍ର କଟକରେ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଏହି ଛାତ୍ର ଜଣକ ହେଲେ ରାଇରଙ୍ଗପୁର ଅଞ୍ଚଳର ଦିୱାନା ମାରାଣ୍ଡି। ଶୌଚାଳୟ ଯାଇଥିବା ବେଳେ ସେ ପଡ଼ିଯାଇଥିଲେ। ଏଥିରେ ତାଙ୍କ ପଛପଟ ମୁଣ୍ଡ ମାଡ ହେବା ସହ ସେ ଗୁରୁତର ଆହତ ହୋଇଥିଲେ। ତୁରନ୍ତ ତାଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନିଆଯାଇଥିଲା। ସେଠାରୁ କଟକ ଏସ୍‌ସିବି ନିଆଯାଇଥିଲା। ତେବେ ଏକ ସ୍ୱିତନ୍ତ୍ର ଗାଡିରେ କଟକରୁ ତାଙ୍କ ଗାଁକୁ ଶବ ପଠା ଯାଇଛି।

# କୁଜଙ୍ଗ କଲେଜରେ ବିଭିନ୍ନ ପ୍ରତିଯୋଗିତା

**କୁଜଙ୍ଗ, ୨୨।୧୧ (ସମିସ):** ରାଜ୍ୟ ସରକାର ଏବେ ଯୁବ ପ୍ରତିଭାର ଚୟନ ଓ ବିକାଶ ପାଇଁ ସମନ୍ୱିତ ଯୁବ ପ୍ରତିଭା ବିକାଶ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମ ଅଧୀନ ଭାଷା ଓ ସୃଜନାତ୍ମକ କଳା ସମ୍ପର୍କୀତ ପ୍ରତିଯୋଗିତା କୁଜଙ୍ଗ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳର ଅଧ୍ୟକ୍ଷ ପ୍ରଫେସର ପଦ୍ମଲୋଚନ ସାହୁ ପୌରୋହିତ୍ୟ କରିଥିଲେ। ଅଧ୍ୟାପିକା ଜୟନ୍ତୀ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଡିଗ୍ରୀ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ତଥା କବି ଚିତ୍ତରଞ୍ଜନ ସାହୁ ସ୍ୱାଗତ ଭାଷଣ ସହ କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ସୂର୍ଯ୍ୟକାନ୍ତ ନନ୍ଦ, ମିସ୍ ରେଶମା ଶିଉଳି, ମିସ୍ ପାର୍ବତୀ ମହାପାତ୍ର, ଶିଲ୍ପା ମହାପାତ୍ର, ଜ୍ୟୋସ୍ନା ବେହେରା, ଡ. ଶୁଭଲକ୍ଷ୍ମୀ ମହାନ୍ତି, ଇତିଶ୍ରୀ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ କରିଥିଲେ। କବିତା ଆବୃତ୍ତି, ତର୍କ, ସୃଜନାତ୍ମକ ରଚନା, ରଙ୍ଗୋଲି ସହ ଝୋଟି, କଳା ଓ ତୈଳଚିତ୍ର ଆଦି ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଡ. ଶୁଭଲକ୍ଷ୍ମୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ପାରାଦୀପରେ ବିଶ୍ୱ ମତ୍ସ୍ୟ ଦିବସ



**ପାରାଦୀପ, ୨୨।୧୧ (ସମିସ):** ପାରାଦୀପ ନେହୁର ବଙ୍ଗଳାରେ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ବ୍ୟବସାୟୀ ସଂଘ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ ପାଳନ କରାଯାଇଛି। ଏଥିରେ ସଂଘର ସଭାପତି ଶ୍ରୀକାନ୍ତ ପରିଡ଼ା, ସାଧାରଣ ସମ୍ପାଦକ ଅରବିନ୍ଦ ସ୍ୱାଇଁ, ପାରାଦୀପ ମେରାଇନ ସୋସାଇଟିର ସଭାପତି ପୁରନ୍ଦର ବିଶ୍ୱାଳ, ଉତ୍କଳ ମେରାଇନର ସଭାପତି ପ୍ରହ୍ଲାଦ ବିଶ୍ୱାଳ, ଭାରପ୍ରାପ୍ତ ସହକାରୀ ମତ୍ସ୍ୟ ଅଧିକାରୀ ସାମୁଦ୍ରିକ ସମ୍ପ୍ରସାରଣ ଜ୍ୟୋତିପ୍ରସାଦ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ମତ୍ସ୍ୟ ସମ୍ପଦ କିଭଳି ସୁରକ୍ଷିତ ରହିବ ଓ ଏହାର କ’ଣ ସବୁ ପ୍ରତିକାର ରହିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ।

# ଗୋ-ଫାର୍ମ, ମାଛଚାଷ କେନ୍ଦ୍ର ବୁଲିଲେ ଛାତ୍ରଛାତ୍ରୀ

**ଏରସମା, ୨୨।୧୧(ସମିସ):** କୁଞ୍ଜକୋଠି ପଞ୍ଚାୟତ ଖୁରାଣ୍ଟସ୍ଥିତ ବାଲୁଙ୍କେଶ୍ୱର ହାଇସ୍କୁଲର ପ୍ରାୟ ୬୮ରୁ ଅଧିକ ଛାତ୍ରଛାତ୍ରୀ ତିର୍ତ୍ତୋଲ ବ୍ଲକ ତୁଲଙ୍ଗ-ତଅଁରାସ୍ଥିତ ଶ୍ୱେତା ଫାର୍ମ ପରିଦର୍ଶନ କରିଛନ୍ତି। ସେଠାରେ ୧୪ ଏକର ପରିମିତ ଅଞ୍ଚଳରେ ବିଭିନ୍ନ ପ୍ରଜାତି ଓ ବିଭିନ୍ନ କିସମର ଉନ୍ନତମାନର ଦେଶୀୟ ଓ ବିଦେଶୀ ଗାଈ ଓ ମଇଁଷି ପାଳନ କରାଯାଉଛି। ପ୍ରାୟ ୨୭୦ ରୁ ଅଧିକ ଗୋ-ମହିଷାଦି ଗୃହପାଳିତ ପଶୁଙ୍କୁ ଆଧୁନିକ ଜ୍ଞାନକୌଶଳରେ ପାଳନ କରାଯାଉଛି। ଫାର୍ମରେ ସ୍ୱତନ୍ତ୍ର ଦୁଗ୍ଧଜାତ ପଦାର୍ଥ ପ୍ରସ୍ତୁତିକରଣ କେନ୍ଦ୍ର ରହିଛି। ଫାର୍ମର ସତ୍ତ୍ୱାଧିକାରୀ ଇଂ. ସ୍ମୃତିରଞ୍ଜନ ଖୁଣ୍ଟିଆ ଚାକିରି ପଛରେ ନ ଗୋଡେଇ ସ୍ୱାବଲମ୍ବୀ ହେବା ସହ ୧୨୧ କର୍ମଚାରୀଙ୍କୁ ରୋଜଗାର ଯୋଗେଇ ଦେଇଛନ୍ତି। ସେହିଭଳି ଏହି ଫାର୍ମ ନିକଟରେ ଥିବା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅନ୍ତର୍ଭୁକ୍ତ ମାଛଚାଷ ଫାର୍ମରେ ଉନ୍ନତମାନର ମାଛଚାଷ ଓ ଯାଆଁଳ ଉତ୍ପାଦନ କେନ୍ଦ୍ର ବୁଲି ଦେଖିଥିଲେ। ଶେଷରେ ଛାତ୍ରଛାତ୍ରୀ ତୁଲଙ୍ଗ-ତଅଁରାସ୍ଥିତ ଐତିହାସିକ ପର୍ଶୁରାମ ପୀଠ ଭ୍ରମଣ କରିଥିଲେ। ପ୍ରଧାନଶିକ୍ଷକ ପ୍ରମୋଦ ଦାସଙ୍କ ତତ୍ତ୍ୱାବଧାନ ସହକାରୀ ଶିକ୍ଷକ ମୂରଲୀଧର ସାମନ୍ତ, ରାଜେନ୍ଦ୍ର ବେହେରା, କ୍ରୀଡ଼ା ଶିକ୍ଷକ ଦିଲ୍ଲୀପ ନାୟକ, କର୍ମଚାରୀ ସନ୍ତୋଷ ମଣ୍ଡଳ, ରାହୁଲ ସାମନ୍ତଙ୍କ ସହଯୋଗ ଓ ବିଜ୍ଞାନ ଶିକ୍ଷକ ନିର୍ଲୋଭ ବେଉରା ପରିଚାଳନାରେ ଛାତ୍ରଛାତ୍ରୀ ଏହି ଭ୍ରମଣରେ ଯାଇଥିଲେ। ସୂଚନାଯୋଗ୍ୟ, ଦେୟମୁକ୍ତ ଭାବେ ଦୀର୍ଘ ୩୦ବର୍ଷ ଧରି ବାଲୁଙ୍କେଶ୍ୱର ହାଇସ୍କୁଲରେ ପିଲାଙ୍କୁ ପାଠ ପଢ଼ାଯାଉଛି। ୮ଜଣ ତାଲିମପ୍ରାପ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ୪ଜଣ କର୍ମଚାରୀ ବିନା ଦରମାରେ କାମ କରୁଛନ୍ତି।

**● ଜଳ ସମ୍ପଦ ବିଭାଗର ଅଜବ ନୀତି**

# ଧାନ ଅମଳ ସମୟରେ ପାଣି

**କୁଜଙ୍ଗ, ୨୨।୧୧ (ସମିସ):** କୁଜଙ୍ଗ ଅଞ୍ଚଳର ଚାଷ ଓ ଚାଷୀଙ୍କ ଦୁର୍ଦ୍ଦଶା କମିବାର ନାଁ ଧରୁନି। ଆରମ୍ଭରେ ବିଳମ୍ବ ମୌସୁମୀ ଜନିତ ବର୍ଷା ଯୋଗୁ ଚାଷ ବିଳମ୍ବ ହୋଇଥିଲା। କେନାଲ ମରାମିତି ନାଁରେ ଜମିକୁ ପାଣି ଦେବା ଅଗଷ୍ଟ ମାସରେ ଆରମ୍ଭ କରାଯାଇଥିଲା। ଏଥିରେ ଚାଷ ବିଳମ୍ବିତ ହୋଇଥିଲା। ଦରକାର ସମୟରେ କ୍ଷେତକୁ ପାଣି ମିଳି ନ ଥିଲା। ଆଜି ମଧ୍ୟ ବହୁ ଚାଷ ଜମି ପାଣି ଅଭାବ ଯୋଗୁ ପଡ଼ିଆ ରହିଛି। ଏବେ ଧାନ ଅମଳ ସମୟରେ କେନାଲରେ ପାଣି ଛଡ଼ା ଯାଇଛି। ଏଥିଯୋଗୁ ଚାଷ ନଷ୍ଟ ହେବା ଥୟ। ତାଳଦଣ୍ଡା କେନାଲରେ ପାଣି ଆସିବାରୁ ପାଚିଲା ଧାନ କ୍ଷେତ ବୁଡି ଯାଇଛି। ଏହା ଚାଷୀଙ୍କୁ ଚିନ୍ତାରେ ପକାଇଛି। ଧାନ ଗଜା ହୋଇଯିବାର ଆଶଙ୍କା ସୃଷ୍ଟି ହେଲାଣି।

**● ମୋ’ ଘର ଯୋଜନା**

# ୩୩୧୯ ଆବେଦନରୁ ମାତ୍ର ୯ ମଞ୍ଜୁର

**କୁଜଙ୍ଗ, ୨୨।୧୧ (ସମିସ):** କୁଜଙ୍ଗ ବ୍ଲକରେ ମୋ’ ଘର ଯୋଜନାରେ ପକ୍କା ଘର ନିର୍ମାଣ କରିବାକୁ ସହାୟତା ଯୋଗାଇଦେବାକୁ ୩୩୧୯ ଆବେଦନ ପଡ଼ିଛି; ହେଲେ ମାତ୍ର ୯ଟି ଆବେଦନକୁ ମଞ୍ଜୁର ମିଳିଛି। ବିଡ଼ିଓ ଦୀପକ ପ୍ରସାଦ ସ୍ୱାଇଁ ଏହା ପ୍ରକାଶ କରିଛନ୍ତି। ତେବେ ଜମିଜମା ସମ୍ପର୍କୀତ ସମସ୍ୟା ଓ ଆବେଦନକାରୀଙ୍କ ନାମରେ ପୂର୍ବରୁ ରହିଥିବା ଋଣ କାରଣରୁ ଏହି ସମସ୍ୟା ଦେଖା ଦେଇଥିବା ବିଡ଼ିଓ ପ୍ରକାଶ କରିଛନ୍ତି। ୨୮ ପଞ୍ଚାୟତରୁ ଆବେଦନକାରୀ ଏହି ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ବ୍ଲକ ପ୍ରଶାସନ ୨୭୯୧ ଆବେଦନ ଯାଞ୍ଚ କରାଯାଇଛି। ତେବେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ୭ଟି ଋଣ ପ୍ରଦାନ କରିଥିବାବେଳେ ଇଣ୍ଡିଆନ ବ୍ୟାଙ୍କ ଓ କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଗୋଟିଏ ଋଣ ମଞ୍ଜୁର କରିଛି। ସୂଚନାଯୋଗ୍ୟ, ଏହି ଯୋଜନା ଶୁଭାରମ୍ଭ ହେବାପରେ ଫତେପୁର ପଞ୍ଚାୟତ ପ୍ରତାପପୁରର ସ୍ୱର୍ଗତ ଅଜୟ ସ୍ୱାଇଁଙ୍କ ପତ୍ନୀ ବେଙ୍ଗୁଲୀ ସ୍ୱାଇଁଙ୍କୁ ରାଜ୍ୟସ୍ତରରେ ପ୍ରଥମେ ଋଣ ପ୍ରଦାନ କରାଯାଇଥିଲା।

# ପଟ୍ଟାମୁଣ୍ଡାଇ କଲେଜରେ ସମ୍ମାନ



**ପଟ୍ଟାମୁଣ୍ଡାଇ, ୨୨।୧୧(ସମିସ):** ପଟ୍ଟାମୁଣ୍ଡାଇ କଲେଜ ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଭୂୟାଁ ଏଥିରେ ପୌରୋହିତ୍ୟ କରିଥିଲେ। ବିରୂପା କଲେଜ ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ଆଲୋଚନା କରିଥିଲେ। ପଟ୍ଟାମୁଣ୍ଡାଇ କଲେଜ ରସାୟନବିଜ୍ଞାନ ବିଭାଗ ମୁଖ୍ୟ ଡ. ଦୁଃଶାସନ ପରିଡ଼ା ସ୍ୱାଗତ ଭାଷଣ ଦେଇଥିବାବେଳେ ରଞ୍ଜନ ଗାହାଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ଫକୀର ଚରଣ ପ୍ରଧାନ, କ୍ୟାପଟେନ ମନୋଜ ପରିଡ଼ା, ପ୍ରମୋଦ ସ୍ୱାଇଁଙ୍କ ସମେତ ରସାୟନବିଜ୍ଞାନ ବିଭାଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶେଷରେ ଡ. ସୁନୀଲ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ପାରାଦୀପରେ ମହତାବ ଜୟନ୍ତୀ

**ପାରାଦୀପ, ୨୨।୧୧ (ସମିସ):** ମଧୁବନସ୍ଥିତ ଆମ୍ବେଦକର ଭବନରେ ସ୍ୱାଧୀନତା ସଂଗ୍ରାମୀ, ପୂର୍ବତନ ମୁଖ୍ୟମନ୍ତ୍ରୀ, ପ୍ରବୀଣ ରାଜୀତିଜ୍ଞ ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ ହୋଇଛି। ପୂର୍ବତନ ସାଂସଦ ଡ. କୁଳମଣି ସାମଲ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସବିତା ମହାପାତ୍ର, ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ବିଶିଷ୍ଟ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଓ ସାମ୍ବାଦିକ ଚିତ୍ତ ସ୍ୱାଇଁ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ମହାତାବଙ୍କ ପ୍ରତିଭା, ସଂଗ୍ରାମ ତଥା କର୍ମମୟ ଜୀବନ ଉପରେ ଆଲୋଚନା କରିଥିଲେ। ଏହି ଉତ୍ସବରେ କମିଟି ଉପସଭାପତି ଅକ୍ଷୟ ରାଉତ ସଭାପତିତ୍ୱ କରିଥିବା ବେଳେ ସଭାପତି ନୃସିଂହ ନାରାୟଣ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ କବିତା ପାଠ ଉତ୍ସବ ଆୟୋଜନ କରାଯାଇଥିଲା। ହାରାମଣି ମହାପାତ୍ର, ପ୍ରେମଲତା ବାରିକ, ଧ୍ରୁବ ମହାପାତ୍ର, ରମେଶ ତ୍ରିପାଠି, ନୃସିଂହ ବାରିକ୍, ଆରତୀ ଦାସ, ମଧୁସ୍ମିତା ମହାନ୍ତି, ତୁଳସୀ ବରାଳ, ନିହାରବାଳା ବାରିକ୍, ନିମାଇଁ ମହାପାତ୍ର, ଶ୍ୟାସୁନ୍ଦର ବେହେରା, ନଗେନ୍ଦ୍ର ସ୍ୱାଇଁ ପ୍ରମୁଖ କବିତା ପାଠ କରିଥିଲେ। ପ୍ରଶାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ପ୍ରଦୀପ ଜେନା, ପଦ୍ମନାଭ ଦାସ, ଭୀମସେନ୍ ବଳ ଉତ୍ସବ ପରିଚାଳନା କରିଥିଲେ।




# ମା’ କନ୍ଧେଇ ପୀଠରେ କର୍ମୀ ସମ୍ମିଳନୀ



**ଡେରାବିଶ, ୨୨।୧୧(ସମିସ):** ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଡେରାବିଶ ବ୍ଲକ ଚାନ୍ଦୋଳ ପଞ୍ଚାୟତର ମା’ କନ୍ଧେଇ ଠାକୁରାଣୀଙ୍କ ପୀଠରେ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଚାନ୍ଦୋଳ ପଞ୍ଚାୟତର ପୂର୍ବତନ ସମିତିସଭ୍ୟ କୈଳାସ କର ସଭାପତିତ୍ୱ କରିଥଲେ। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ବ୍ଲକ ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ପ୍ରାକ୍ତନ ସଭାପତି ଅନନ୍ତ ଚରଣ ପାତ୍ର, ରାଜୀବ ଲୋଚନ ମିଶ୍ର, ଜୟଦେବ ପରିଡ଼ା, ବ୍ଲକ ମହିଳା କଂଗ୍ରେସ ସଭାପତି ରଶ୍ମିତା ମହାନ୍ତି, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟା କୃଷ୍ଣପ୍ରିୟା ବାରିକ, ସୁଖଦାନନ୍ଦ ପ୍ରଧାନ, ଗୋଲଖ ଚନ୍ଦ୍ର ସ୍ୱାଇଁ, ସୁଧୀର ରାଉତ, ବଂଶୀଧର ବେହେରା, ନରହରି ମହାନ୍ତି, ବଳରାମ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ବୋଧଗାଁରେ ମାତୃପୂଜା



**ପଟ୍ଟାମୁଣ୍ଡାଇ, ୨୨।୧୧(ସମିସ):** ବୋଧଗାଁସ୍ଥିତ ହରଗୌରୀ ପଡ଼ିଆରେ ମାତୃପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗଙ୍ଗାରାମପୁର ହାଇସ୍କୁଲର ବରିଷ୍ଠ ଶିକ୍ଷକ ପଣ୍ଡିତ ପ୍ରମୋଦ ତ୍ରିପାଠୀଙ୍କ ମା’ ଶୈଳବାଳା ଦେବୀଙ୍କ ଶ୍ରାଦ୍ଧ ଉତ୍ସବ ଅବସରରେ ଶୈଳବାଳା ସ୍ମୃତି ସଂସଦ ପକ୍ଷରୁ ଏହି ମାତୃ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପୁରୀ ଗୋବର୍ଦ୍ଧନ ପୀଠ ସନ୍ଥ ସଂରକ୍ଷକ ତଥା ପଟ୍ଟାମୁଣ୍ଡାଇ ରାଧାରମଣ ମଠ ମହନ୍ତ ସ୍ୱାମୀ ଅସୀମାନନ୍ଦ ଦାସ ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସାମ୍ପ୍ରତିକ ସମାଜର ଅବକ୍ଷୟକୁ ରୋକିବା ଓ ସାମାଜିକ ପରିବର୍ତ୍ତନ ପାଇଁ ମାତୃ ପୂଜନ କାର୍ଯ୍ୟକ୍ରମ ଦିଗଦର୍ଶନ ଦେବ ବୋଲି ସେ ମତ ପ୍ରକାଶ କରିଥିଲେ। ପତ୍ରପୁର ଏସକେସି ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ କବୟିତ୍ରୀ ଆରାଧନା ଦାଶ ଏଥିରେ ପୌରୋହିତ୍ୟ କରିଥିଲେ। ଏଥିରେ ମାନସଭୂଷଣ ପଣ୍ଡିତ ହୃଷିକେଶ ରଥ, ସାରସ୍ୱତ ସାଧକ ସଞ୍ଜୟ ରଥ, ସଚିକାନ୍ତ ନାଥ, ସାମ୍ବାଦିକ ଭକ୍ତ ଚରଣ ସାହୁ, ଭାଷ୍ୟକାର ଅନାଦି ମାହାଳି, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ମହେଶ୍ୱର ତ୍ରିପାଠୀ, କବୟିତ୍ରୀ ମଞ୍ଜୁଶ୍ରୀ ବରାଳ, ଗାଳ୍ପିକ ପ୍ରଦୀପ ନାୟକ, କବି ସଚିତ୍ର ବେହୁରା, ପୂର୍ବତନ ସରପଞ୍ଚ ଯଦୁମଣି ଦାସ, ସାମ୍ବାଦିକ ଅକ୍ଷୟ ସାହୁ, କବି ବ୍ରଜସୁନ୍ଦର ସାହୁ, ପରିବେଶବିତ୍ କାଶୀନାଥ ରାଉତରାୟ, କବୟିତ୍ରୀ ଚାରୁଲତା ଭୂୟାଁ ଓ ପ୍ରେମଲତା ଗିରି, ପରିବେଶବିତ ଅନ୍ତର୍ଯ୍ୟାମୀ ବେଜ, କବି ସତ୍ୟବ୍ରତ ପୁହାଣ ପ୍ରମୁଖ ଯୋଗ ଦେଇଥିଲେ। ମା’ର ଋଣ ଦୁନିଆରେ କେହି ସୁଝି ପାରିନାହାନ୍ତି। ମାତୃ ପୂଜନ ଜରିଆରେ ମା’ମାନଙ୍କୁ ସମ୍ମାନ ଦେବା ସହିତ ସମାଜର ପରିବର୍ତ୍ତନ ପାଇଁ ସମସ୍ତେ ଆଗେଇ ଆସିବାକୁ ନିବେଦନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କବି ନାରାୟଣ ପ୍ରସାଦ ରାଉଳ, ଦମନ ମହାନ୍ତି, ପ୍ରଧାନ ଶିକ୍ଷକ ଆନନ୍ଦ ଚନ୍ଦ୍ର ମହାପାତ୍ର ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି ଅବସରରେ ୧୦୮ଜଣ ମା’ଙ୍କୁ ଉତ୍ତରୀୟ ଓ ଫୁଲ ଚନ୍ଦନ ଦିଆଯାଇ ପୂଜା କରାଯାଇଥିଲା। ଶୈଳବାଳା ସ୍ମୃତି ସଂସଦ ସଭାପତି ପଣ୍ଡିତ ପ୍ରମୋଦ ତ୍ରିପାଠୀ ସ୍ୱାଗତଭାଷଣ ଦେଇଥିବାବେଳେ ପଣ୍ଡିତା ଶଶୀକଳା ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ରାଜଶ୍ରୀ ସମ୍ପାଦକ କବି ହେମନ୍ତ ଜେନା ଧନ୍ୟବାଦ ଦେଇଥିଲେ। ମଳୟ ବାରିକ, ଶୀତିକଣ୍ଠ ତ୍ରିପାଠୀ, ସହଦେବ ଦାସ, ସରୋଜକାନ୍ତ ସାହାଣୀ, ଦିଲ୍ଲୀପ ଜେନା, ସୁଲେଖ ପ୍ରଧାନ ଓ ସଞ୍ଜୀବ ତରାଇ ପରିଚାଳନା କରିଥିଲେ।

# ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ପାଇଁ ସଂକଳ୍ପ

**ରାଜନଗର, ୨୨।୧୧(ସମିସ):**




ଶାସନପେଟା ରେଞ୍ଜ କାର୍ଯ୍ୟାଳୟରେ କଇଁଛ ସୁରକ୍ଷା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗହୀରମଥାକୁ ଆସୁଥିବା ବିରଳ ଅଲିଭ୍ ରିଡ୍‌ଲେ କଇଁଛଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ଏଥିରେ ଆଲୋଚନା ହୋଇଥିଲା। ଏସିଏଫ୍ ଗଗନ ବିହାରୀ ମଲ୍ଲିକ ଏଥିରେ ପୌରୋହିତ୍ୟ କରିଥିଲେ। ବୈଠକରେ ଉପସ୍ଥିତ ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ଯୋଗ ଦେଇଥିଲେ।

ଗତବର୍ଷ ଗହୀରମଥାରେ ୫ ଲକ୍ଷ ୧୨ ହଜାର କଇଁଛ ଅଣ୍ଡାଦାନ କରିଥିଲେ। ସେଥିମଧ୍ୟରୁ ୨ କୋଟି ୧୯ ଲକ୍ଷ କଇଁଛ ଶାବକ ବାହାରିଥିଲେ। ଗତବର୍ଷ ୪୩ଟି ଟ୍ରଲର ଜବତ କରାଯାଇଥିବା ବେଳେ ୩୫୦ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇଥିଲା ଓ ୪୦ ଲକ୍ଷ ଟଙ୍କାର ଜବତ ମାଛ ବିକ୍ରି କରି ରାଜସ୍ୱ ଆଦାୟ ହୋଇଥିଲା ବୋଲି ସୂଚନା ଦିଆଯାଇଛି। ସେହିଭଳି ମତ୍ସ୍ୟଜୀବୀ କିପରି ସହାୟତା ପାଇବେ ସେ ନେଇ ପଦକ୍ଷେପ ନିଆଯାଉଛି ବୋଲି କୁହାଯାଉଛି। ଅନ୍ୟପକ୍ଷେ ସ୍ମାର୍ଟଫୋନ ମାଧ୍ୟମରେ ଫିସର ଫ୍ରେଣ୍ଡ ମୋବାଇଲ ଆପ୍ ଓ ଆଭେଞ୍ଜର ମ୍ୟାପ ଆପ୍ ବ୍ୟବହାର କରି ମାଛ ଧରା ସ୍ଥାନଟି ନିଷିଦ୍ଧାଞ୍ଚଳ ମଧ୍ୟରେ ନା ବାହାରେ ତାହା ଜାଣିହେବ ବୋଲି ଏଥିରେ କୁହାଯାଇଛି। ଏଥିସହ ଘୋଷ୍‌ନେଟ୍ କଇଁଛଙ୍କ ପାଇଁ ବିପଦର କାରଣ ହେଉଛି। ପ୍ଲାଷ୍ଟିକ, ପଲିଥିନ ସମୁଦ୍ର ଓ ନଦୀରେ ନ ଫିଙ୍ଗିବାକୁ ପରାମର୍ଶ ଦିଆଯାଇଛି।

ସହକାରୀ ମତ୍ସ୍ୟ ଅଧିକାରୀ ରାଜନ ବେହେରା ଯୋଗଦେଇ କଇଁଛ ପ୍ରଜନନ ଋତୁ ସମୟରେ ସରକାର ମତ୍ସ୍ୟଜୀବୀଙ୍କ ସହାୟତା ରାଶି ୭୫୦୦ ଟଙ୍କାରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି ବୋଲି ସୂଚନା ଦେଇଥିଲେ। ନିଷିଦ୍ଧାଞ୍ଚଳ ମଧ୍ୟରେ କୃତ୍ରିମ ଶୈବାଳ ସ୍ଥାପନ ଉପରେ ମତ ରଖିଥିଲେ। ଏଥିସହ ମତ୍ସ୍ୟ ବିଭାଗର ନୀତି ନିୟମ ସମ୍ପର୍କରେ କହିଥିଲେ।

ଏହି ସଚେତନତା ଶିବିରରେ ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଅତିଥି କଇଁଛ ଅଲିଭରିଡଲେ ସମୁଦ୍ରରେ ମାଛ ବଂଶ ବୃଦ୍ଧିରେ ସହାୟକ ହୋଇଥାନ୍ତି। ମାଛ ଯାଆଁଳ ଖାଉଥିବା ଜେଲିଫିସ୍ ସେମାନଙ୍କ ମୁଖ୍ୟ ଖାଦ୍ୟ ହୋଇଥିବାରୁ କଇଁଛ ଆସିବା ଦ୍ୱାରା ସମୁଦ୍ରରେ ମାଛ ବଂଶ ବୃଦ୍ଧି ପାଇପାରୁଛି। ଏଥିସହ ଗତ ୫ବର୍ଷର ଜବତ ଟ୍ରଲର ରିପୋର୍ଟକୁ ତର୍ଜମା କରି ଏକାଧିକଥାର ଧରା ପଡ଼ିଥିବା ଟ୍ରଲରଗୁଡିକ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ କହିଥିଲେ।

ଏହି ଶିବିରରେ ତଟରକ୍ଷୀ ବାହିନୀ ଏୟାର ଇଞ୍ଜିନିୟର କେ.ସତ୍ୟନାରାୟଣ ଯୋଗଦେଇ ସମୁଦ୍ର ଭିତରେ କିପରି ଜୀବନ ସୁରକ୍ଷିତ ରହିବ ସେ ନେଇ ମତ ରଖିଥିଲେ। ଶିବିରରେ ପରିବେଶବିତ୍ ବିଜୟ କବି, ହେମନ୍ତ ରାଉତ, ସାମ୍ବାଦିକ ଦୋଳଗୋବିନ୍ଦ ଜେନା, ଅଶୋକ ସ୍ୱାଇଁ, କଳ୍ପତରୁ ସାମଲ, ଅରକ୍ଷୀତ ନାଥ ପ୍ରମୁଖ ଯୋଗଦେଇ ସମସ୍ତଙ୍କ ମିଳିତ ସହଯୋଗରେ ଅତିଥି କଇଁଛଙ୍କୁ ସୁରକ୍ଷା ଯୋଗାଇ ଦିଆଯାଇପାରିବ ବୋଲି କହିଥିଲେ।

ଏହି ଶିବିରରେ ମତ୍ସ୍ୟଜୀବୀ ନିରଞ୍ଜନ ମଣ୍ଡଳ, ପ୍ରଭୁ ପ୍ରସାଦ ମହାପାତ୍ର, ମା’ରାମଚଣ୍ଡୀ ବୋଟ୍ ଆସୋସିଏସନର ତୁଷାରକାନ୍ତ ସର୍ଦ୍ଦାର ଓ ଭକ୍ତଚରଣ ମହାଳିକ ଯୋଗଦେଇ ସେମାନଙ୍କ ଜାଲରେ କଇଁଛ ମରୁନି; ବରଂ ଟ୍ରଲର ହିଁ କଇଁଛ ମାରୁଛି। ଟ୍ରଲର ମାଲିକ ଜାଣିଶୁଣି ସଚେତନତା କାର୍ଯ୍ୟକ୍ରମକୁ ଆସୁନାହାନ୍ତି। ବନ ବିଭାଗ ସହିତ ପାରମ୍ପାରିକ ମତ୍ସ୍ୟଜୀବୀ ଅଛନ୍ତି। ବେଆଇନ ମାଛ ଧରୁଥିବା ଟ୍ରଲରଗୁଡିକ ବରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ।

